

Odia Daily

www.theutkalsamachar.com

ଉତ୍କଳ ସମାଗମ

ଦୈନିକ ଚେତନାର ପ୍ରଖ୍ୟାତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+ Vol - 22 + Issue No:193 + 10 November 2026 (Tuesday) + Rourkela + Rs.2.00 + Page -1 + ୨୨ ବର୍ଷ + ସଂଖ୍ୟା:୧୯୩ + ୧୦ ନଭେମ୍ବର ୨୦୨୬ (ମଙ୍ଗଳବାର) + ରାଉରକେଲା + ମୂଲ୍ୟ:ଟ.୨.୦୦ + ପୃଷ୍ଠା-୬

ଜଳ ପରିଚାଳନାରେ ତ୍ରୁଟି, ବନ୍ୟା ମଣିଷକୃତ: ସରକାରଙ୍କୁ କଂଗ୍ରେସର ଟାର୍ଗେଟ୍



ଗଞ୍ଜାମ,୯/୧୧(ନି/ପ୍ର): ଗଞ୍ଜାମରେ ବନ୍ୟା ବିପର୍ଯ୍ୟୟକୁ ନେଇ ସରକାରଙ୍କୁ ଘେରିଲା କଂଗ୍ରେସ। ଏହା ପ୍ରାକୃତିକ ବନ୍ୟା ନୁହେଁ, ବରଂ ଜଳ ପରିଚାଳନାରେ ତ୍ରୁଟି ଯୋଗୁଁ ସୃଷ୍ଟି ହୋଇଥିବା ମଣିଷକୃତ ବନ୍ୟା ବୋଲି ଅଭିଯୋଗ କରିଛି ବଜ। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଜଳ ସମ୍ପଦ ବିଭାଗର ପୂର୍ବତନ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଏକ ଭିଡିଓ ଦେଖାଇ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାସ । ଏଥିସହ ବନ୍ୟା କ୍ଷୟକ୍ଷତି ପାଇଁ ହେକ୍ଟରୋରୁ ୫ ହଜାର ଲେଖାଁ ଟଙ୍କା ସହାୟତା ଦାବି କରିଛି ବଜ। ଗଞ୍ଜାମ ବନ୍ୟାକୁ ନେଇ ତେଢିଲା ରାଜନୀତି । ଜଳ ପରିଚାଳନାରେ ବିଚାର ତ୍ରୁଟି ଯୋଗୁଁ ରାଜ୍ୟ ଏତେ ବଡ଼ ବନ୍ୟାର ସାମ୍ନା କରିଛି। ଏହା ପ୍ରାକୃତିକ ନୁହେଁ, ବରଂ ମଣିଷକୃତ ବନ୍ୟା ବୋଲି ଅଭିଯୋଗ ଆଣିଛି କଂଗ୍ରେସ। ବଜର ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି, ପୂର୍ବ ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଗଞ୍ଜାମବାସୀଙ୍କୁ ଏଭଳି ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି । ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଜଳ ସମ୍ପଦ ବିଭାଗର ପୂର୍ବତନ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଏକ ଭିଡିଓ ଦେଖାଇ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଅରବିନ୍ଦ । ତାଙ୍କ ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଓ ଗଜପତିରେ ପ୍ରବଳ ବର୍ଷା ନେଇ ୨୩ ତାରିଖରୁ ପାଣିପାଗ ବିଭାଗ ବାରମ୍ବାର ସୂଚନା ଦେଇଥିଲା । ତଥାପି ୨୮ ତାରିଖ ପର୍ଯ୍ୟନ୍ତ ଜାହିଁକି ନବୀକ୍ଷ ଗେଟ୍ ଖୋଲାଗଲା ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ । ଅରବିନ୍ଦଙ୍କ ଦାବି, ସେଉଁଠି ୭ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେବା କଥା, ଜଳଭଣ୍ଡାରର ଗେଟ୍ ଖୋଲିବା ପରେ ସେଠାରେ ୧ ଲକ୍ଷ ୮୨ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହୋଇଥିଲା । ଏହା ହିଁ ବଡ଼ ବନ୍ୟାର କାରଣ ବୋଲି ସେ ଅଭିଯୋଗ କରିଛନ୍ତି । ସେହିପରି ବାତ୍ୟା ନ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ 'ଜିରୋ ଜାକୁଆଲିଟି' ଘୋଷଣା କରିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି କଂଗ୍ରେସ । ଦୁଇ ଜଣ ଚାଷୀଙ୍କ ମୃତ୍ୟୁ ଏବଂ ମାଟି ତଳେ ପୋତି ହୋଇ ଜୀବନ ହରାଇଥିବା ଲୋକଙ୍କ ମୃତ୍ୟୁକୁ କେମିତି ଜିରୋ ଜାକୁଆଲିଟି କୁହାଯାଇପାରିବ ବୋଲି ପ୍ରଶ୍ନ କରିଛନ୍ତି ଅରବିନ୍ଦ । ଏଥିସହ ପୂର୍ବ ସରକାର ଓ ବର୍ତ୍ତମାନର ସରକାରଙ୍କ ତୁଳନା କରିବା ପରିବର୍ତ୍ତେ ଅତିରିକ୍ତ ଅଧିକାରୀଙ୍କ ପରାମର୍ଶ ନେବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଏହାସହ ତିନୋଟି ଦାବି ରଖିଛି କଂଗ୍ରେସ । ବନ୍ୟାରେ ଚାଷ କ୍ଷୟକ୍ଷତି ପାଇଁ ରାଜ୍ୟ ସରକାର ୨ ହଜାର ୫୬୨ କୋଟି ଟଙ୍କା ମାଗିଥିବା ବେଳେ ଏହାକୁ ବଢ଼ାଇ ୫ ହଜାର କୋଟି ଟଙ୍କା ସହାୟତା ମାଗିବାକୁ ଦାବି କରିଛି ବଜ। ଏଥିସହ ବିପର୍ଯ୍ୟୟ ପାଇଁ ବାୟୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିଗ୍ରସ୍ତ ଆନିକଟଗୁଡ଼ିକର ଶୀଘ୍ର ମରାମତି ପାଇଁ ଦାବି କରିଛି କଂଗ୍ରେସ ।

ବଢୁଛି ଶୀତର ପ୍ରକୋପ, ୨୦ ଡିଗ୍ରି ତଳକୁ ଖସିଲା ପାରଦ



ଭୁବନେଶ୍ୱର,୯/୧୧(ନି/ପ୍ର): ଆଜି ସକାଳେ ବୈତ ନଗରୀରେ ଶୀତର ପ୍ରକୋପ ଅନୁଭୂତ ହୋଇଛି। ଏବର୍ଷ ପ୍ରଥମ ଥର ଲାଗି ୨୦ ଡିଗ୍ରି ତଳକୁ ଖସିଛି ପାରଦ ଆଜ କମିଛି ତାପମାତ୍ରା। ସକାଳ ଓ ରାତିରେ ଅନୁଭୂତ ହେଉଛି ଶୀତର ପ୍ରଭାବ। ନଭେମ୍ବର ଆରମ୍ଭରୁ ବୈତ ନଗରୀରେ ଶୀତର ଆଗମନୀ ସଙ୍କେତ ମିଳିଛି । ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ଜଟକରେ ସର୍ବନିମ୍ନ ତାପମାତ୍ରା ୧୭.୬ ଡିଗ୍ରି ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ପାରଦ ୧୮.୯ ଡିଗ୍ରି ସେଲସିୟସ୍‌କୁ ଖସିଛି । ଉଭୟ ସହରରେ ୨୦ ଡିଗ୍ରୀ ତଳକୁ ତାପମାତ୍ରା ଖସିବା ପରେ ଥଣ୍ଡାର ଅନୁଭୂତି ବଢ଼ିଛି । ବିଶେଷକରି ସକାଳୁ ଘଣ୍ଟୁ ବାହାରୁଥିବା ଲୋକ ଏବଂ ରାତିରେ ଯାତାୟାତ କରୁଥିବା ଲୋକଙ୍କୁ ଥଣ୍ଡା ଅଧିକ ଅନୁଭୂତ ହେଉଛି । ତେବେ ଧୀରେ ଧୀରେ ପାରଦ ଖସୁଥିବାରୁ ଆଗକୁ ଟ୍ୱିନ୍ ସିଟିରେ ଶୀତର ପ୍ରଭାବ ଆହୁରି ବଢ଼ିବ ବି, ତାହା ଉପରେ ନଜର ରହିଛି ।

ଓଡ଼ିଶା ଗସ୍ତରେ ଆସୁଛନ୍ତି ଉପରାଷ୍ଟ୍ରପତି



ଭୁବନେଶ୍ୱର,୯/୧୧(ନି/ପ୍ର): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ । ୧୬ ତାରିଖରେ ବିଧାୟକଙ୍କ ଓରେଚେଂସନ କାର୍ଯ୍ୟକ୍ରମରେ ଦେବେ ଯୋଗ । ଆଚରଣ ଉଚ୍ଚାରଣ ଏବଂ ବିଧାନସଭା ସମ୍ପର୍କରେ ଟ୍ରେନ୍ନି ନେବେ ବିଧାୟକ । ଦିନିକିଆ ଓରେଚେଂସନ କାର୍ଯ୍ୟକ୍ରମରେ ୩ ଗୋଟି ସେସନ୍ ରହିବ। ପ୍ରଥମ ସେସନ୍‌ରେ ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ରହିବେ। ଓଡ଼ିଶା ବିଧାନସଭା ଇତିହାସରେ ଦ୍ୱିତୀୟ ଥର ପାଇଁ ଆସୁଛନ୍ତି ଉପରାଷ୍ଟ୍ରପତି। ବିଧାନସଭାର ବିଭିନ୍ନ କମିଟି ଏବଂ କମିଟିର କାର୍ଯ୍ୟ ସମ୍ପର୍କରେ ଏହି ଟ୍ରେନ୍ନି ଦିଆଯିବ। ତେବେ ଓଡ଼ିଶା ବିଧାନସଭାରେ ମୋଟ ୩୩ଟି କମିଟି ବିଧାନସଭାରେ ରହିଛି । ଅର୍ଥ ପାଇଁ ୪ ଗୋଟି ସ୍ଥନ୍ତ କମିଟି ରହିଛି । କେରଳ ଏବଂ ଓଡ଼ିଶାରେ ଏହି କମିଟି ବ୍ୟବସ୍ଥା ରହିଛି। କମିଟି ସିଷ୍ଟମକୁ ସୁଦୃଢ଼ କରିବାକୁ ହେଲେ କାର୍ଯ୍ୟ କ୍ରିୟାନ୍ୱୟନ ହେଉଛି କି ନାହିଁ ସେନେଇ ଆଲୋଚନା ହେବ। ବଜେଟ୍ ରେ ଖର୍ଚ୍ଚ, ଅନୁପାତ, ଏଷ୍ଟିମେଟ, ଭଳି ପ୍ରସଙ୍ଗରେ ବିଧାୟକଙ୍କୁ ପ୍ରଶିକ୍ଷଣ ଦିଆଯିବ । ଓଡ଼ିଶା ବିଧାନସଭା ଦେଶରେ ଅନନ୍ୟ । ସମଗ୍ର ଭାରତରେ ଯେତେ ରାଜ୍ୟ ଅଛି ମୋଟାମୋଟି ସେ୨୨ ଜିନ୍ୟ ୨୩ ଦିନ ବିଧାନସଭା ବସୁଛି ।

ବିଧାୟକଙ୍କ ଓରେଚେଂସନ କାର୍ଯ୍ୟକ୍ରମରେ ଦେବେ ଯୋଗ

ନଦୀରେ କାର ଖସି ସାୟାଦିକଙ୍କ ସହ ପରିବାରର ୪ସଦସ୍ୟଙ୍କ ମୃତ୍ୟୁ



ରାଇଗଡ଼,୯/୧୧(ନି/ପ୍ର): ନବରଙ୍ଗପୁରଜିଲ୍ଲା ରାଇଗଡ଼ ଭୂଲ୍ ସୀମାନ୍ତ ଛତିଶଗଡ଼ ଅନ୍ତର୍ଗତ ଗରିଆବନ୍ଦ ଜିଲ୍ଲାର ରାଜିମ ଠାରେ ଦାପାବଳି ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଏକ ସମ୍ପୂର୍ଣ୍ଣ ପରିବାରଙ୍କ ମୃତ୍ୟୁ ଘଟିଛି। ଦାପାବଳି ରାତିରେ ଜାରତି ଡ୍ୟାମ ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ନଦୀ ଭିତରକୁ ଖସି ପଡ଼ିଥିବା ଫଳରେ ଗୋଟିଏ ପରିବାରର ଚାରିଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ରାଜିମ ଅଞ୍ଚଳର ଟିଲା ଆନିକଟ(ତେଢ ଡ୍ୟାମ)ଠାରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଜଣେ ସାୟାଦିକ ନିଜ ପରିବାରକୁ ନେଇ ରାୟପୁରରୁ ପାସୋଇଡକୁ ଦାପାବଳି ପାଳନ କରିବାକୁ ଯାଉଥିଲେ । ସୂଚନା ଅନୁଯାୟୀ. ପାସୋଇଡ ଗ୍ରାମର ବାସିନ୍ଦା ଶୀତଲ ସାହୁ, ବୁଦ୍ଧିରେ ସାୟାଦିକ। ରାୟପୁରରେ ନିଜ ପରିବାର ସହ ରୁହନ୍ତି। ଦାପାବଳି ରାତିରେ ସେ ନିଜ ଭାରରେ ରାୟପୁରରୁ ନିଜ ଗାଁ ପାସୋଇଡ଼ ଯାଉଥିଲେ। ସାଥିରେ ଥିଲେ ପତ୍ନୀ ଭାରତୀ, ପୁଅ ବିଦ୍ଧାଶ (୧୯), ଝିଅ ପୂର୍ବୀ (୨୧)। ବିଳମ୍ବିତ ରାତି ଯାଏଁ ସେମାନେ ଘରକୁ ଫେରିନଥିବାରୁ ସମ୍ପର୍କୀୟମାନେ ଖୋଜାଖୋଜି କରି ବିଫଳ ହୋଇଥିଲେ। ଆଜି (ସୋମବାର) ପୂର୍ବାହ୍ଣରେ ଟିଲା ତେଢ୍‌ଡ୍ୟାମ୍ ଠାରେ ଜାରତି ନଦୀରେ ବୁଡ଼ି ରହିଥିବା ଲୋକମାନେ ଦେଖି ପୁଲିସକୁ ସୂଚିତ କରିଥିଲେ। ପୁଲିସ ପହଂଚି ସେମାନଙ୍କୁ ଉଦ୍ଧାର କରିଥିଲା। ମୃତଙ୍କୁ ଚିହ୍ନଟ କରି ସମ୍ପର୍କୀୟଙ୍କୁ ସୂଚିତ କରିଥିଲା।

ସୂଚନା

ଦୀପାବଳୀ ପାଇଁ 'ଉତ୍କଳ ସମାଚାର' କାର୍ଯ୍ୟାଳୟ ନଭେମ୍ବର ୮ ଦିନ ବନ୍ଦ ଥିଲା।

ଟପ୍ପାବଳ

ଦୀପାବଳିରେ ବଡ଼ ଅଘଟଣ

୨ଟି ପରିବାରର ୧୨ ଜଣ ଜୀବନ୍ତ ଦଗ୍ଧ



ନୂଆଦିଲ୍ଲୀ,୯/୧୧: ଦୀପାବଳିରେ ବଡ଼ ଅଘଟଣ । ମଧ୍ୟପ୍ରଦେଶର ସିବନୀ ଏବଂ ଛତନୀ ଜିଲ୍ଲାରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨ଟି ପରିବାର ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ମୋଟ ୧୨ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଉଭୟ ଘଟଣାରେ ୬-୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାନୁଯାୟୀ, ଛତନୀ ଜିଲ୍ଲା ମୁଖ୍ୟାଳୟ ଠାରୁ ୫୫ କିମି ଦୂର ବରହି ଗାଁରେ ଦାପାବଳି ରାତି ପ୍ରାୟ ସାଢେ ୧୧ଟା ବେଳେ ପୁରନ ଅଗ୍ରୱାଲ ଏବଂ ଜିତେଶ ଅଗ୍ରୱାଲଙ୍କ ବାଣ ଦୋକାନରେ ନିଆଁ ଲାଗିଯାଇଥିଲା। ଦୋକାନ ଉପରେ ଘର ଲାଗିଯାଇଥିଲା। ଦୋକାନ ଓ ଘରେ ଥିବା ସମସ୍ତ ସଦସ୍ୟ ଶୋଇଥିବା ବେଳେ ନିଆଁ ଲାଗିଯାଇଥିଲା । ଫଳରେ ସମସ୍ତେ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ଦୁର୍ଘଟଣାରେ ପରିବାରର ଛଅ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା । ମୃତଙ୍କ ମଧ୍ୟରେ ଦୁଇଜଣ ବୃଦ୍ଧ, ଜଣେ ମହିଳା ଏବଂ ତିନି ଜଣ ପିଲା ଥିଲେ । ଜଣେ ପୁରୁଷ ଏବଂ ଜଣେ ମହିଳା ଖସି ପଳାଇ ନିଜ ଜୀବନ ବଚାଇବାରେ ସଫଳ ହୋଇଥିଲେ । ସେହିପରି ଦ୍ୱିତୀୟ ଘଟଣାଟି ସିବନୀ ଜିଲ୍ଲାର ଛପାରା ସହରର ମହାବୀର ଓ୍ୱାର୍ଡର ଜୈନ ମୋହଲ୍ଲାରେ ଘଟିଛି । ସୋମବାର ଭୋର ପ୍ରାୟ ୩ଟା ସମୟରେ ସୁନା ବ୍ୟବସାୟୀ ଭୁବନ ସୋନିଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା । ନିଆଁ ଏତେ ଦ୍ରୁତ ଗତିରେ ବ୍ୟାପିଥିଲା ଯେ ଘର ଭିତରେ ଶୋଇଥିବା ଲୋକମାନେ ବାହାରକୁ ପଳାୟନ ପାଇଲେ ନାହିଁ । ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ଛଅ ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା । ମୃତକମାନେ ହେଲେ ଭୁବନ ଲାଲ ସୋନି (୭୫ ବର୍ଷ), ରାଜକୁମାରୀ ସୋନି (୬୫ ବର୍ଷ), ଉତ୍ତୁ ସୋନି (୪୨ ବର୍ଷ), ସ୍ମୃତି ସୋନି (୪୦ ବର୍ଷ), ପୂର୍ବୀ ସୋନି (୪୫ ବର୍ଷ) ଏବଂ ଆଦିତ୍ୟ ସୋନି (୧୬ ବର୍ଷ) ।

ଯୁଦ୍ଧ ବନ୍ଦ କଲେ ୪୮ ଘଟା ମଧ୍ୟରେ ହର୍ମୁଜ୍ ଖୋଲିଦେବୁ:

ନଚେତ୍ ସବୁ ଧ୍ୱଂସ କରିଦେବୁ: ଆମେରିକାକୁ ଇରାନର ଚରମବାଣୀ



ତେହେରାନ,୯/୧୧:ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଆମେରିକାକୁ ଦୁଇ ଦିନିଆ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ, ଯଦି ଆମେରିକା ସମସ୍ତ ମୋର୍ଚାରେ ଯୁଦ୍ଧ ବନ୍ଦ କରିବାର ସର୍ତ୍ତ ଗ୍ରହଣ କରିବ ତେବେ ଆମେ ୪୮ ଘଟା ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଖୋଲିଦେବୁ। ଯଦି ଆମେରିକା ଏପରି ନ କରେ, ତେବେ ଇରାନ ସେନା ଏକ ବଡ଼ ଧରଣର ଆକ୍ରମଣ କରି ସବୁ ଧ୍ୱଂସ କରିଦେବ ବୋଲି ସେ ଚେତାବନୀ ଦେଇଛନ୍ତି। ଆରାଘଚି ଇରାନର ସରକାରୀ ଗଣମାଧ୍ୟମ ଇସଲାମିକ୍ ରିପବ୍ଲିକ୍ ନ୍ୟୁଜ୍ ଏଜେନ୍ସିକୁ ଏକ ସାକ୍ଷାତକାର ଦେଇଥିଲେ। ତା'ପରେ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ଆମେରିକୀୟ ଖୋଟରମାନେ ସେମାନଙ୍କର ନିଷ୍ପତ୍ତି ନେଇସାରିଛନ୍ତି। ଏବେ ହ୍ୱାଇଟ୍ ହାଉସକୁ ମଧ୍ୟ ନିଷ୍ପତ୍ତି ନେବାକୁ ପଡ଼ିବ। ଆମର ଦୁଇ ଦିନିଆ ପ୍ରସ୍ତାବ ଏବେ ବି ରହିଛି। ସମସ୍ତ ମୋର୍ଚାରେ ଯୁଦ୍ଧ ବନ୍ଦ କରିବା ସମେତ ଆମର ସର୍ତ୍ତଗୁଡ଼ିକୁ ଗ୍ରହଣ କରୁଛୁ ଏବଂ ପଜାପଜେଖୁଛୁ। ନଚେତ୍, ଯୁଦ୍ଧର ପଥ ବାଛୁଛୁ ଏବଂ ପ୍ରସ୍ତୁତ ଥିବା ଆମ ସୈନ୍ୟମାନଙ୍କ ଆକ୍ରମଣର ସମ୍ମୁଖୀନ ହୁଅନ୍ତୁ। ଆରାଘଚି କହିଛନ୍ତି ଯେ, ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପଜାପଜ ପରଠାରୁ ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ଆଗକୁ ବଢ଼ିନାହିଁ। ମଧ୍ୟସ୍ଥତା କରୁଥିବା ଦେଶଗୁଡ଼ିକର ପ୍ରତିନିଧିଙ୍କ ଗତିବିଧି ମଧ୍ୟ ଗତ କିଛି ଦିନ ଧରି ବନ୍ଦ ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ,ଯେ ନିର୍ବାଚନ ପଜାପଜ ଆମେରିକାରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିଛି। ଆରାଘଚିଙ୍କ ଅନୁଯାୟୀ, ଆମେରିକା କୂଟନୀତିର ପଥ ବାଛିବ ନା ସାମରିକ କାର୍ଯ୍ୟାନୁଷ୍ଠାନର ପଥ ବାଛିବ ତାହା ଦେଖିବାକୁ ବାକି ରହିଛି। ଇରାନ ଯୁଦ୍ଧର ଯେକୌଣସି ସମ୍ଭାବନା ପାଇଁ ପ୍ରସ୍ତୁତ। ଆମର ସାମରିକ ବାହିନୀ ନିଜର ଅସ୍ତ୍ରଶସ୍ତ୍ରକୁ ଉନ୍ନତ କରି ଦୁର୍ବଳତାକୁ ଦୂର କରି ନୂତନ ଅସ୍ତ୍ରଶସ୍ତ୍ର ମଧ୍ୟ ପରୀକ୍ଷଣ କରିଛି। ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ରବିବାର ଥ୍ରୋଟିଡାରେ କହିଛନ୍ତି ଯେ ଇରାନର ଦାବି ଗ୍ରହଣୀୟ ନୁହେଁ। ଅନେକ ଦେଶ ଦୁଇ ଦେଶ ମଧ୍ୟରେ ଆଲୋଚନାକୁ ସହଜ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ବର୍ତ୍ତମାନ କୌଣସି ରୁଚିନାମାର ଆଶା ନାହିଁ। ସେ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୂଟନୀତି ମାଧ୍ୟମରେ ବିବାଦର ସମାଧାନ କରିବାକୁ ଚାହୁଁଛନ୍ତି, କିନ୍ତୁ ଇରାନର ଲିଙ୍କ ଦାବି ଅବାସ୍ତବ ଏବଂ ହାସ୍ୟାସ୍ପଦ। ପୂର୍ବରୁ ଟ୍ରମ୍ପ କହିଥିଲେ, ଯଦି ଆଲୋଚନା ଆଗକୁ ବଢ଼େ, ତେବେ ଇରାନ ଉପରେ ପୁଣି ଆକ୍ରମଣ କରିବାର ଆବଶ୍ୟକତା ନ ପଡ଼ିପାରେ। ତେବେ ଏହା ଇରାନ ଏକ ଦୃଢ଼ ଚୁକ୍ତି ସ୍ୱାକ୍ଷର କରୁଛି କି ନାହିଁ ତାହା ଉପରେ ନିର୍ଭର କରିବ। ସେପଟେ ପ୍ରତ୍ୟାକ୍ଷାତି ୩୦ ୧% ରହିଛି। ଆମେରିକା ଇରାନକୁ ସାମରିକ ଏବଂ ଆର୍ଥିକ ଦୃଷ୍ଟିରୁ ବହୁତ କ୍ଷତି ପହଂଚାଇଛି ଏବଂ ଆବଶ୍ୟକ ହେଲେ ଇରାନକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇପାରିବ। ମାତ୍ର ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ??ରିପବ୍ଲିକାନ୍ ପାର୍ଟିର ପରାଜୟ ପରେ, ଟ୍ରମ୍ପ ଇରାନ ଯୁଦ୍ଧ ଉପରେ ତାଙ୍କର ମତକୁ ଜିଦ୍ଖି ନରମ କରିଛନ୍ତି। ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ନିର୍ବାଚନ ପରାଜୟ ପାଇଁ ଆମେରିକୀୟ ଲୋକଙ୍କ ଉପରେ ଇରାନ ଯୁଦ୍ଧର ପ୍ରଭାବକୁ ଦାୟୀ କରିଥିଲେ। ଟ୍ରମ୍ପ ମଧ୍ୟ ସ୍ୱୀକାର କରିଛନ୍ତି ଯେ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଏପରି କରିବେ ବୋଲି କହିଥିଲେ।

ଡେବ୍ରିଗଡ଼ରେ ପୁଣି ମହାବଳ ବାଘ କ୍ୟାମେରା ଟ୍ରାପ୍‌ରେ ଫଟୋ ଜଏଦ



ସମ୍ବଲପୁର,୯/୧୧(ନି/ପ୍ର): ଡେବ୍ରିଗଡ଼ ଅଭୟାରଣ୍ୟରେ ପୁଣି ଏକ ମହାବଳ ବାଘର ଉପସ୍ଥିତି ଚିହ୍ନଟ ହୋଇଛି । ଅଭୟାରଣ୍ୟରେ ଲଗାଯାଇଥିବା କ୍ୟାମେରା ଟ୍ରାପ୍‌ରେ ବାଘର ଫଟୋ ଜଏଦ ହୋଇଥିବା ବେଳେ ପାଟ୍ରୋଲିଂରେ ନିୟୋଜିତ ବନ କର୍ମଚାରୀମାନେ ମଧ୍ୟ ବାଘଟିକୁ ପ୍ରତ୍ୟକ୍ଷ ଭାବେ ଦେଖିଛନ୍ତି। ଡେବ୍ରୁଟୀ–ଲଖନପୁର ଜଙ୍ଗଲ ଦେଇ ବାଘଟି ଡେବ୍ରିଗଡ଼ ଅଭୟାରଣ୍ୟକୁ ପ୍ରବେଶ କରିଥିବା ଜଣାପଡ଼ିଛି । ଏନେଇ ହିରାକୁଦ ବନ୍ୟପ୍ରାଣୀ ବନ୍ୟଖଣ୍ଡର ଡିଏଫ୍‌ଓ ଅଂଶୁ ପ୍ରଜ୍ଞା ବାସ୍ ସୂଚନା ଦେଇଛନ୍ତି। ତେବେ ବାଘଟି ଡେଇଁ ଜଙ୍ଗଲରୁ ଆସିଛି, ଏହା ଅଣ୍ଡିରା ନା ମାଇ ଏବଂ ଏହାର ଅନ୍ୟାନ୍ୟ ପରିଚୟ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ଏବଂ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ (ଡବ୍ଲ୍ୟୁଆଇଆଇ) ପକ୍ଷରୁ କ୍ୟାମେରା ଟ୍ରାପ୍‌ରେ ଉତ୍ତାଳିତ ଫଟୋର ବିଶ୍ଳେଷଣ କରାଯିବା ପରେ ଏସବୁ ତଥ୍ୟ ଜଣାପଡ଼ିବ ବୋଲି ଡିଏଫ୍‌ଓ କହିଛନ୍ତି।

ଇରାକର ଖୋର-ମୋର୍ ଗ୍ୟାସ୍ ଫିଲ୍ଡ ଉପରେ ଡ୍ରୋନ୍ ଆକ୍ରମଣ: ବ୍ଲାକଆଉଟ୍ ରୋକିବା ପାଇଁ କାର୍ଯ୍ୟ ଜାରି

ବାଗଦାଦ,୯/୧୧: ଭୂବିସ୍ତାନର ସୁଲେମାନିଆ ପ୍ରଦେଶର ଖୋର-ମୋର୍ ଗ୍ୟାସ୍ ଫିଲ୍ଡ ଉପରେ ଡ୍ରୋନ୍ ଆକ୍ରମଣ ପରେ ଇରାକ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି । ଆକ୍ରମଣ ଯୋଗୁଁ ଜାତୀୟ ଗ୍ରୀଡ୍‌ରେ ପ୍ରାୟ ୨.୮ ଗିଗାୱାଟ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଇଛି । ବିଦ୍ୟୁତ ମନ୍ତ୍ରଣାଳୟର ମୁଖପାତ୍ର ଓମିର ଅହମ୍ମଦ କହିଛନ୍ତି, ଡ୍ରୋନ୍ ଆକ୍ରମଣ ଯୋଗୁଁ ସମସ୍ତ ଅଂଚଳରେ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଅଲ୍ ଜଜିରା ରିପୋର୍ଟ କରିଛି, ଖୋ-ମୋର୍ ଗ୍ୟାସ୍ କ୍ଷେତ୍ର ହଠାତ୍ ବନ୍ଦ ହୋଇଯିବା ଫଳରେ ଏରବିଲ, ସୁଲାଇମାନିଆ, ବାଜିଆନ, ଚାମଚାମାଲ ଏବଂ ଦୁହୋକ ସମେତ ପ୍ରମୁଖ ସହର କେନ୍ଦ୍ରଗୁଡ଼ିକୁ ଲକ୍ଷନ ଯୋଗାଣ ବନ୍ଦ ହୋଇଯାଇଛି । ଫଳରେ ଏହି କେନ୍ଦ୍ରଗୁଡ଼ିକରେ ସମସ୍ୟା ସୃଷ୍ଟି ହୋଇଛି । ଅହଷ୍ଟ କହିଛନ୍ତି ଯେ, ସମ୍ପୂର୍ଣ୍ଣ ବ



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ୩ୟ ପର୍ଯ୍ୟାୟ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର,୯/୧୧(ନି/ପ):କେନ୍ଦୁଝର ମାଟିରୁ ଏକାଧାରରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତିଭୂମି କ୍ଷେତ୍ରରେ ଏକ ଅଦ୍ଭୁତପୂର୍ବ ଓ ଐତିହାସିକ ପରିବର୍ତ୍ତନର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଗସ୍ତରେ ଯାଇ ରାଜ୍ୟ ସରକାରଙ୍କ ପ୍ରମୁଖ ଶିକ୍ଷା ଯୋଜନା 'ଗୋବାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ତୃତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସରକାରଙ୍କ ଗୋବାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୬୩୦ଟି ସ୍ଥଳରେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବାବେଳେ ଏଥିରେ କେନ୍ଦୁଝର ଜିଲ୍ଲାର ୩୩ଟି ବିଦ୍ୟାଳୟ ସାମିଲ ରହିଛି। ପ୍ରାୟ ୪୦୦୦ କୋଟି ଟଙ୍କା ବ୍ୟୟରେ ଏହି ସମସ୍ତ ବିଦ୍ୟାଳୟ ନିର୍ମାଣ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମୁଦାୟ ୧୪ କୋଟି ବ୍ୟୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ ଜ୍ୟାମସର ଉତ୍ସଫାଟନ କରିଥିଲେ। ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ଉତ୍ତର ଓଡ଼ିଶାର ସବୁଠାରୁ ଆଧୁନିକ ବୈଷୟିକ ବାଣିଜ୍ୟିକ ପ୍ରତିଷ୍ଠାନର ମଧ୍ୟ ଆଜି ଶିଳାନ୍ୟାସ ହୋଇଛି । ପ୍ରାୟ ୫.୫୧ ଏକର ଜମି ଓ ୨୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ୧୫ ମହଲା ବିଶିଷ୍ଟ ଟେକ୍-ବିଜନେସ୍ ପାର୍କ୍ ଜରେ ଓଡ଼ିଶାରେ ଯୁବବର୍ଗଙ୍କ ପାଇଁ ପ୍ରଚୁର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆଜିର ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ କେନ୍ଦୁଝରର ଯୁବପିଢ଼ିଙ୍କୁ ଆଉ ବାଙ୍ଗାଲୋର ଜିୟା ହାଇଦ୍ରାବାଦ ଯିବାକୁ ପଡ଼ିବ ନାହିଁ, ବରଂ ନିଜ ମାଟିରେ ହିଁ ନିଯୁକ୍ତି ଓ ପ୍ରଗତିର ଅସୀମ ଦ୍ୱାର ଖୋଲିଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏଥିସହିତ ଧରଣୀଧର ମେଡିକାଲ କଲେଜ ପରିସରରେ ଉତ୍ତର ସହଯୋଗରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଭିତ୍ତିକ 'ପ୍ରିଭେଣ୍ଟିଭ୍ ଜ୍ୟାନସର୍ ସ୍କ୍ରିନିଂ କେନ୍ଦ୍ର' ଲୋକାର୍ପିତ ହୋଇଛି, ଯେଉଁଠାରେ ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଟାଂଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଙ୍ଗ୍ କଲେଜର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ କେନ୍ଦୁଝର ଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି ସମାରୋହରେ ଘୋଷଣା କରିଥିଲେ। ୧୦ କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨ କୋଟି ଟଙ୍କାରେ ମହୁଲାଡ଼ ଓଟି କମ୍ପ୍ଲେକ୍ସ, ମଲ୍ଟି-ସ୍ପେଶିଲିଟି ସେଣ୍ଟର, ପୋଲିସ ଆଉଟପୋଷ୍ଟ ଏବଂ ୩୦-ଜଣିଆ ଡାରାକ୍ ମଧ୍ୟ ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମୋଟ ୧୨୯୨ କୋଟି ଟଙ୍କାର ବ୍ୟୟରେ ୩୩ଟି ପ୍ରକଳ୍ପର ମଧ୍ୟ ଉତ୍ସଫାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ମଧ୍ୟରୁ ପ୍ରାୟ ୪୧୨ କୋଟି ଟଙ୍କାର ୧୯୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮୮୦ କୋଟିରୁ ଅଧିକ ମୂଲ୍ୟର ୧୩୨ଟି ନୂତନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି ।ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଭାବବିହ୍ୱଳ ହୋଇ ପ୍ରକାଶ କରିଥିଲେ ଯେ ଓଡ଼ିଶା ପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି, କିନ୍ତୁ କେନ୍ଦୁଝରବାସୀଙ୍କ ପାଇଁ ସେ ସେଇ ପୁରୁଣା 'ମୋହନ ଭାଇ' । ନିଜର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଜନ୍ମମାଟିର ସେବା କରିଚାଲିବେ ବୋଲି ଦୃଢ଼ ପ୍ରତିଜ୍ଞା କରିଥିଲେ। ଏହି ଅବସରରେ ଜନସାଧାରଣଙ୍କ ସୁବିଧା ଏବଂ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ଘଡ଼ଘସ୍ତକଂଭବଂଖ ଜଂକ୍ଷଂକ୍ଷଂଭ ଗଂକ୍ଷଂସଖ୍ତସଂସ୍ପୃଟ ଜାର୍ଡ (ଘଜଗଉ)' ବା ମାଗଣା ଦୁର୍ ସେବା କାର୍ଡର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟସେବା ପାଇଁ ଉତ୍ତର ପାଣ୍ଡିବୁ ୨୩ଟି ନୂତନ ଆମ୍ବୁଲାନ୍ସ ଏବଂ ସହରାଞ୍ଚଳଗୁଡ଼ିକୁ ପରିଚ୍ଛନ୍ନ ରଖିବା ପାଇଁ କେନ୍ଦୁଝର, ଯୋଡ଼ା ଓ ବଡ଼ବିଲ୍ ପୌରପାଳିକାକୁ ମୋଟ ୨୬ଟି ପରିମଳ ସାମଗ୍ରୀ, ଖଇଠ ଗାଡ଼ି, ଟ୍ରାକ୍ଟର, ସ୍ୱିଙ୍କଲର ଓ ସେସପୁଲ୍ ଗାଡ଼ି ପ୍ରଦାନ କରାଯାଇଛି । ସହର ଭିତିକୁମ୍ଭୀ, ମଜୁରୁତ କରିବା ପାଇଁ କେନ୍ଦୁଝରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ୬ ଆଜିଆ କରିବା ଏବଂ ବଡ଼ବିଲରେ ରିଙ୍ଗ ରୋଡ୍ ନିର୍ମାଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଜଡ଼ଜରେ ବେଟଂକାର ଉଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ସୁଦିରଞ୍ଜନ ସାହୁ ଏବଂ ଧାମନଗର ପିଏମଶ୍ରୀ ସହିତନଗର ହାଇସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ଆଶୁତୋଷ ଜରଙ୍କ ସହିତକଥା ହୋଇଥିଲେ । ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଏବଂ ଭବିଷ୍ୟତ ପାଇଁ ସେମାନଙ୍କର ଉତ୍ସାହିତ କରିବା ସହ ସମଗ୍ର କାର୍ଯ୍ୟକ୍ରମକୁ ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିଥିଲା । ଏହି ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଞ୍ଚାୟତ ରାଜ୍ ବିଭାଗ କଲ୍ୟାଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମତବ୍ୟକ୍ତ କରିଥିଲେ ଯେ ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ମୂଳରୁ ସୁଦୃଢ଼ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ, ଆଜି ତାହା 'ଗୋବାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଜରିଆରେ ବାସ୍ତବ ରୂପ ନେଉଛି । ମନ୍ତ୍ରୀ ଶ୍ରୀ ଗଣ୍ଡ ଜହିଥିଲେ ଯେ ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନର ସବୁଠାରୁ ବଡ଼ ଅସ୍ତ୍ର, ଏବଂ ପିଲାମାନଙ୍କୁ ପ୍ରାଥମିକ ସ୍ତରରୁ ବିଶ୍ୱସ୍ତରୀୟ ଶିକ୍ଷାଦାନ, ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ୍ ଉପକରଣ ଏବଂ କ୍ରୀଡ଼ା ସୁବିଧା ଯୋଗାଇବାଦ୍ୱାରା ରାଜ୍ୟ ସରକାର ପ୍ରତିବଦ୍ଧ ଅଛନ୍ତି । ଗ୍ରାମାଚଳ ଓ ଆଦିବାସୀ ଅଞ୍ଚଳର ଶିଶୁମାନଙ୍କ ପ୍ରତିଭା ବିକାଶ ପାଇଁ ଏହି ଆବର୍ଷ ବିଦ୍ୟାଳୟଗୁଡ଼ିକ ଏକ ମନ୍ଦିର ପାଲଟିବ ବୋଲି ସେ ପ୍ରକାଶ କରିଥିଲେ ।ଏହି ବିଶାଳ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଂସସଦୀୟ ବ୍ୟାପାର ମନ୍ତ୍ରୀ ଡଂକର ପୁଜେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, କେନ୍ଦୁଝର ସଂସଦ ଶ୍ରୀମତୀ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଲେଜୋର ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଏବଂ କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଶ୍ରୀମତୀ ମମିତା ନାଏକ ପ୍ରମୁଖ ସଜାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ବିରୁମାଲା ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

ଖଜୁରୀପଡ଼ା ବ୍ଲକର ତିନି ପଂଚାୟତରେ କନ୍ଧମାଳ ଜିଲ୍ଲା ବିଜେଡିର ଜନସଂପର୍କ ପଦଯାତ୍ରା

କନ୍ଧମାଳ,୯/୧୧(ନି/ପ): କନ୍ଧମାଳ ଜିଲ୍ଲାରେ ବିଜୁ ଜନତା ଦଳ କ୍ଷୁଣ୍ଣ ଜନସମ୍ପର୍କ ପଦଯାତ୍ରା ଜାରି ରହିଥିବାବେଳେ ଖଜୁରୀପଡ଼ା ବ୍ଲକର ସୁତ୍ରେନ୍ଦୁ, ସୁଦୁକୁଲ୍ୟା ଓ ବିଲାବାଡ଼ି ପଂଚାୟତରେ ଦଳ ପକ୍ଷରୁ ଏହି ପଦଯାତ୍ରା ଆୟୋଜିତ ହୋଇଯାଇଛି । ଗାଁ ଗାଁ ବୁଲି ଲୋକଙ୍କ ସହ ସିଧାସଳଖ ଯୋଡ଼ି ହେବା ସହ ପୂର୍ବତନ ବିଜେଡି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଖଜୁରୀପଡ଼ା ବ୍ଲକ ବିଜେଡି ସଭାପତି ବୀରେନ୍ଦ୍ର କୁମାର ଜଈଙ୍କ ନେତୃତ୍ୱରେ ସୁତ୍ରେନ୍ଦୁ ପଂଚାୟତର ଭେଟଖୋଲାଠାରୁ ପଦଯାତ୍ରା ଆରମ୍ଭ ହୋଇ ସୁତ୍ରେନ୍ଦୁ ଗ୍ରାମ ପରିକ୍ରମା କରିଥିଲା । ପରେ ସୁତୁକୁଲ୍ୟାସ୍ଥିତ ଇନ୍ଦ୍ରଯଜ୍ଞ ପଡ଼ିଆରୁ ଚଳପାହି ପର୍ଯ୍ୟନ୍ତ ବଳୀୟ ନେତା ଓ କର୍ମୀମାନେ ପଦଯାତ୍ରା କରିଥିଲେ । ପରେ ଇନ୍ଦ୍ରଯଜ୍ଞ ପଡ଼ିଆଠାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଜୁ ଜନତା ଦଳର କନ୍ଧମାଳ ଜିଲ୍ଲାସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଫୁଲବାଣୀର ପୂର୍ବତନ ବିଧାୟକ ବୁଦ୍ଧୁନୀ ହଁରିଙ, କନ୍ଧମାଳ ଜିଲ୍ଲା ମହିଳା ସଭାପତି ପୁନମ ହଁରିଙ, ବିଜେଡି ରାଜ୍ୟ ସମ୍ପାଦକ ବୈକୋଣ୍ଠ ମୁଖୀ, ଜିଲ୍ଲା ଯୁବସଭାପତି ବିଷ୍ଣୁଚରଣ ଲେଙ୍କା, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ମିଶ୍ର, ଛାତ୍ର ବିଜେଡି ସଭାପତି ସୁନୀଲ କୁମାର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା, ତ୍ରିନାଥ ହଁରିଙ, ବୈଦ୍ୟନାଥ ବେହେରା ଓ ରାଧାମୋହନ ମହାପାତ୍ର, ଫିରିଙ୍ଗିଆ ବ୍ଲକ ବିଜେଡି ସଭାପତି ରଜନୀକାନ୍ତ ମଲ୍ଲିକ, ଖଜୁରୀପଡ଼ା ବ୍ଲକ ଯୁବ ସଭାପତି ରବୀନ୍ଦ୍ର କୁମାର ପ୍ରଧାନ ଓ ମହିଳା ସଭାନେତ୍ରୀ ସ୍ୱର୍ଗତ ହଁରିଙ ଙ୍କ ସମେତ ବିଭିନ୍ନ ପଂଚାୟତର ସରପଂଚ, ସମିତିସଭ୍ୟ ଓ ବଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ ।

ସିଏସ୍ ୭ ଟେନିସ୍ : ସୂୟାଶଙ୍କୁ ଦ୍ୱିମୁକୁଟ



ଭୁବନେଶ୍ୱର,୯/୧୧(ନି/ପ): ସ୍ଥାନୀୟ ଜଳିଙ୍ଗ ଷ୍ଟାଡିୟମ୍ ଟେନିସ କମ୍ପ୍ଲେକ୍ସଠାରେ ଖୋରଧା ଜିଲ୍ଲା ଟେନିସ ସଂଘ (କେଡିଟିଏ) ଆନୁକୂଲ୍ୟରେ ଆୟୋଜିତ ୧୬ ବର୍ଷରୁ ଜମ୍ ତଳକ ଅଲଟା-ଓଡିଏ ଚାମ୍ପିଅନ୍‌ସିପ୍ ସିରିଜ୍ (ସିଏସ୍ ୭) ଟେନିସ୍ ପ୍ରତିଯୋଗିତାରେ ଓଡ଼ିଶାର ସୂୟାଶ ପଟ୍ଟନାୟକ ଦ୍ୱିମୁକୁଟ ହାସଲ କରିଛନ୍ତି । ଏହି ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଉଭୟ ଏକକ ଓ ଯୁଗଳରେ ବିଜେତା ହୋଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଏକକ ଫାଇନାଲ୍‌ରେ ସେ ସିଧାସଳଖ ୬-୦, ୬-୦ ସେଟ୍‌ରେ ପଶ୍ଚିମବଙ୍ଗର ସାଇରାହଣ ଝାଙ୍କୁ ପରାସ୍ତ କରିଥିଲେ । ଯୁଗଳ ଫାଇନାଲ୍‌ରେ ସୂୟାଶ ଓ ତାଙ୍କ ଝାଡ଼ଖଣ୍ଡ ସାଥୀ ସଫକ ଆଗମନ ୬-୩, ୫-୭, ୧୦-୮ରେ ପଶ୍ଚିମବଙ୍ଗ ଯୋଡ଼ି ଶିୟାନ ଚାଟାର୍ଜୀ ଓ ବିକାଳ ହଲଦାରଙ୍କୁ ହରାଇଥିଲେ । ଉତ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ, କେଡିଟିଏ ସଂଗାଦକ ଅସିତ ପ୍ରଧାନ, ପ୍ରତିଯୋଗିତା ନିର୍ଦ୍ଦେଶକ ରାଜେଶ ଜାନୁଙ୍‌ଗୋ, ରେଫରି ଯତୀନ ବଖ୍ଷ ଓ ପ୍ରବଳ ପ୍ରକାଶ ପଟ୍ଟନାୟକ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସହ ପଶ୍ଚିମବଙ୍ଗ, ଆସାମ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଉତ୍ତରପ୍ରଦେଶରୁ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

ସୁରଭି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଆଦ୍ୟାଶା ଆଦିପ୍ରଜ୍ଞା ମନୋନୀତ

କେନ୍ଦୁଝର,୯/୧୧(ନି/ପ): ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଉଲ୍ଲେଖନୀୟ ସଫଳତା ହାସଲ କରି ଗୌରବ ଆଣିଛନ୍ତି ଓଡ଼ିଶା ଆବର୍ଷ ବିଦ୍ୟାଳୟ, ଚିଜିରା, ଘଟଗାଁ ବ୍ଲକ୍‌ରେ ମେଧାବୀ ଛାତ୍ରୀ ଆଦ୍ୟାଶା ଆଦିପ୍ରଜ୍ଞା । ସେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ବେଳେ ସଙ୍ଗୀତ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ତାଙ୍କର ଏହି ଦ୍ୱିମୁଖୀ ସଫଳତା ବିଦ୍ୟାଳୟ, ଅଂଚଳ ତଥା ପରିବାର ପାଇଁ ଗୌରବ ଆଣିଦେଇଛି । ଆଦ୍ୟାଶାଙ୍କ ମାତା ରାଇଶ୍ରୀ ସେଠୀ ଘଟଗାଁସ୍ଥିତ ତାରିଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହୋଇଥିବା ବେଳେ ତାଙ୍କ ବାପା ଶିବନାରାୟଣ ସେଠୀ ଡେଙ୍କେଙ୍କୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ଫାର୍ମାସି ଅଫିସର ଭାବେ କାର୍ଯ୍ୟରତ । ଶିକ୍ଷା ଓ ସଂସ୍କାରମୟ ପାରିବାରିକ ପରିବେଶରେ ବଢ଼ିଥିବା ଆଦ୍ୟାଶା ପାଠପଢ଼ା ସହିତ ସଙ୍ଗୀତ ଓ ବକ୍ତୃତା କ୍ଷେତ୍ରରେ ମଧ୍ୟ ନିଜର ପ୍ରତିଭାର ପରିଚୟ ଦେଇଆସୁଛନ୍ତି । ସେ ଜଣେ ମେଧାବୀ ଛାତ୍ରୀ ହେବା ସହ ଜଣେ ପ୍ରଶିକ୍ଷୟିତ୍ରୀ ଭାବେ ପୂର୍ବରୁ ମଧ୍ୟ ଅନେକ ଥର ପୁରସ୍କୃତ ହୋଇଛନ୍ତି । ତାଙ୍କର ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ସହପାଠୀ, ଅଭିଭାବକ ଓ ଅଂଚଳବାସୀ ଖୁସିବ୍ୟକ୍ତ କରିବା ସହ ଆଦ୍ୟାଶାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରାଜ୍ୟସ୍ତରରେ ମଧ୍ୟ ସେ ନିଜର ପ୍ରତିଭାର ଛା ଛାଡ଼ି ଆହୁରି ସଫଳତା ହାସଲ କରନ୍ତୁ ବୋଲି ସମସ୍ତେ ଶୁଭକାମନା ଜଣାଇଛନ୍ତି ।

ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୯/୧୧(ନି/ପ): କେବଳ ପ୍ରକଳ୍ପ ଘୋଷଣା ଜିୟା ଶିଳାନ୍ୟାସ କରିଦେଲେ ହେବନାହିଁ, ଏହାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ । ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଟିମ୍ ଭାବେ କାମ କରିବାକୁ ଜିଲ୍ଲାର ସମସ୍ତ ବର୍ଗର ଲୋକଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।କେନ୍ଦୁଝର ବିକାଶ ପାଇଁ ଆରମ୍ଭ ହୋଇଥିବା ଏହି ନୂଆ ଅଧ୍ୟାୟ ସେତେବେଳେ ସଫଳ ହେବ, ଯେତେବେଳେ ସରକାର, ପ୍ରଶାସନ ଓ ଜନସାଧାରଣ ଏକାଠି ହୋଇ କାମ କରିବେ। ୧୨୯୧ କୋଟି ଟଙ୍କାର ୩୩ଟି ପ୍ରକଳ୍ପର ପ୍ରକୃତ ସୁଫଳ ଯେପରି ଜିଲ୍ଲାବାସୀଙ୍କ ପାଖରେ ପହଂଚିବ, ସେଥିପାଇଁ ସମସ୍ତଙ୍କ ସାମୂହିକ ଉଦ୍ୟମ ଓ ସହଯୋଗ ଆବଶ୍ୟକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା
ଓଡ଼ିଶା ରାଜନୀତିରେ ଭଦ୍ରକ ପ୍ରମୁଖ ଭୂମିକା ଗ୍ରହଣ କରିଛି



ଭଦ୍ରକ, ୯/୧୧(ନି/ପ):ଦେଶର ସ୍ୱାଧୀନତା ପୂର୍ବରୁ ଓ ପରେ ଭଦ୍ରକ, ଓଡ଼ିଶା ତଥା ଜାତୀୟ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ଏଇ ମାଟିର ମଣିଷ ଭଦ୍ରକ କେଶରୀ ଡ. ହରେକୃଷ୍ଣ ମହତାବ, ଭାରତର ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଓଡ଼ିଶାର ନେତୃତ୍ୱ ନେଇଥିଲେ ଏବଂ ତାଙ୍କରି ଚେଷ୍ଟାରେ ବୃହତ ଓଡିଶା ଗଠନ ହେବା ସହ ଭୁବନେଶ୍ୱରରେ ଓଡ଼ିଶାର ରାଜଧାନୀ ପ୍ରତିଷ୍ଠା ହୋଇଥିଲା । ସେହିପରି ଭଦ୍ରକ ମାଟିର ସନ୍ତାନ ନୀଳମଣି ରାଉତରାୟ ମଧ୍ୟ ଓଡ଼ିଶାର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ଥିଲେ । ସେହିପରି ଭଦ୍ରକ ମାଟିର ବହୁ ସନ୍ତାନ, ଓଡ଼ିଶା ରାଜନୀତିରେ ଜାତି ର ସ୍ୱାକ୍ଷର ରଖି ଯାଇଛନ୍ତି ବୋଲି ଅବତ୍ତିକା ଆବାସିକ ମହାବିଦ୍ୟାଳୟ , ଚରମ୍ପା ପ୍ରାୟୋଜିତ ତଥା ଭଦ୍ରକ ମ

ବିବିଧା

କେଉଁମାନେ କାକୁଡ଼ି ଖାଇବା ଉଚିତ୍ ନୁହେଁ...



କଫଦୋଷ: ଆୟୁର୍ବେଦ ଅନୁସାରେ କାକୁଡିରେ ଥଣ୍ଡା ଅଂଶ ବହୁ ପରିମାଣର ରହିଛି । ଯଦ୍ୱାରା ଖରାର କଫ ଦୋଷକୁ ବଢ଼ାଇଥାଏ । ଏଥିଲାଗି ବାରମ୍ବାର ଥଣ୍ଡା, କାଶ, କଫ ବା ସାଇସ ସମସ୍ୟା ଥିଲେ କାକୁଡି ଆଦୌ ଖାଇବା ଉଚିତ ନୁହେଁ ।

ପାଚନ ସମ୍ବନ୍ଧୀୟ ସମସ୍ୟା: କାକୁଡିରେ ଫାଇବର ଅଧିକ ମାତ୍ରାରେ ରହିଛି । ତେଣୁ ଏହାକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଗ୍ୟାସ, ବାନ୍ଧି ବଦହଜମି ସମସ୍ୟା ହୋଇଥାଏ । ଯେଉଁ ଲୋକଙ୍କଠାରେ ପାଚନ ମାଂସପେଶୀ ଓ ହାତ ଯନ୍ତ୍ରଣା ଥିଲେ ସମ୍ବନ୍ଧୀୟ ସମସ୍ୟା ରହିଛି । ଆଇବିଏସ ରହିଛି ଏମାନେ କାକୁଡି ଖାଇବା ଉଚିତ ନୁହେଁ । ଯେଉଁ ଲୋକ ହାଡ଼ ଓ ମାଂସପେଶୀ ଯନ୍ତ୍ରଣାରେ ପୀଡିତ ସେମାନେ କାକୁଡି ଅଧିକ ଖାଇବା ଉଚିତ ନୁହେଁ। ଆୟୁର୍ବେଦିକ୍ ଡାକ୍ତରମାନେ ମଧ୍ୟ ଏମାନଙ୍କୁ କାକୁଡି ଖାଇବାକୁ ମନା କରିଥାନ୍ତି ।


ୟୁରିନାରୀ ସମସ୍ୟା: କାକୁଡି ପ୍ରାକୃତିକ ରୂପରେ ମୂତ୍ର ବର୍ଦ୍ଧକ ହୋଇଥାଏ, ଯଦ୍ୱାରା ପରିସ୍ରା ପରିମାଣକୁ ବଢ଼ାଇ ଦେଇଥାଏ। ତେଣୁ ଏମାନେ ଆଦୌ କାକୁଡି ଖାଆନ୍ତୁ ନାହିଁ ।

ଡାଇବେଟିସ ଥିଲେ: କାକୁଡି ଡାଇବେଟିସ୍ ରୋଗୀଙ୍କ ଲାଗି ଲାଭଦାୟକ ଜିନ୍ତୁ ଏହାର ମଜ୍ଜି ଡାଇବେଟିସ୍ ଲାଗି ସୁରକ୍ଷିତ ନୁହେଁ । ତେଣୁ ଡାଇବେଟିସ୍ ରୋଗୀ ଅଳ୍ପ ମାତ୍ରାରେ କାକୁଡି ଖାଇବା ଉଚିତ ।

ଖରାଦିନ ଲାଗି କାକୁଡ଼ି ସବୁଠାରୁ ଉତ୍ତମ । ଏଥିରେ ପ୍ରଚୁର ଜଳୀୟାଂଶ ଥିବା ହେତୁ ଶରୀରକୁ ଥଣ୍ଡା ଓ ହାଇଡ୍ରେଟିଂ ରଖିଥାଏ । ଏଥିଲାଗି ଅନେକ ଖରାଦିନେ କାକୁଡି ଖାଇବାକୁ ଭଲ ପାଆନ୍ତି । କାକୁଡ଼ି ଶରୀରକୁ ଥଣ୍ଡା ରଖିବା ସହିତ ପାଚନ କ୍ରିୟା ଠିକ୍ ଜରେ ଓ ଓଜନ ନିୟନ୍ତ୍ରଣ ରଖିଥାଏ । ତୃଚା ଲାଗି ଏହା ଗୁଣକାରୀ । କିଛି ଲୋକଙ୍କ ପାଇଁ କାକୁଡି ଖାଇବା ଖରାର ଲାଗି କ୍ଷତିକାରକ । ଆସନ୍ତୁ ଜାଣିବା କେଉଁମାନେ କାକୁଡି ଖାଇବା ଉଚିତ ନୁହଁ ଓ କେଉଁମାନେ କାକୁଡି ଖାଇବାରେ ଧ୍ୟାନ ରଖିବା ଉଚିତ...

କେଉଁମାନେ କାକୁଡି ଖାଇବା ଭଲ

- ଯେଉଁ ଲୋକଙ୍କ ଡିହାଇଡ୍ରେସନ୍ ସମସ୍ୟା ରହିଥାଏ ସେମାନେ କାକୁଡି ଖାଇବା ଉଚିତ ନୁହେଁ ।
- ଯେଉଁମାନେ ଓଜନ କମ୍ କରିବାକୁ ଚାହୁଁଛନ୍ତି ।
- ନୂଆ ସୁଗାର ନିୟନ୍ତ୍ରିନ ରଖିବାକୁ ଚାହୁଁଥିଲେ ।
- କୋଲେଷ୍ଟ୍ରଲକୁ କମ୍ କରିବାକୁ ଚାହୁଁଥିଲେ। ଏମାନଙ୍କ ଲାଗି କାକୁଡି ଖୁବ୍ ଲାଭଦାୟକ ।
- କିଛୁ ସମସ୍ତଙ୍କ ସ୍ୱାସ୍ଥ୍ୟ ଲାଗି କାକୁଡି ଖାଇବା ଭଲ ନୁହେଁ।
- ସ୍ୱାଭାବସ୍ଥା ଦେଖି କାକୁଡି ଖାଇବା ନିହାତି ଆବଶ୍ୟକ ।



ଫିଲ୍ମରୁ ଦୂରରେ ଅମ୍ରିତା



ବଲିଉଡ୍ ଅଭିନେତ୍ରୀ ଅମ୍ରିତା ରାଓ 'ବିବାହ' ଫିଲ୍ମରେ ପୂନମ୍‌ଙ୍କ ଚରିତ୍ରରେ ଅଭିନୟ ଜରି ଲକ୍ଷ ଲକ୍ଷ ଦର୍ଶକଙ୍କ ହୃଦୟ ଜିତିଥିଲେ। ଫିଲ୍ମରେ ତାଙ୍କର ସରଳ ଅନ୍ଦାଜ ଏବେ ବି ଲୋକଙ୍କ ମନରେ ଅଛି। ତଥାପି, ସେ ବହୁ ଦିନ ଧରି ଫିଲ୍ମରୁ ଦୂରରେ ଅଛନ୍ତି। ସେ ତାଙ୍କର ୪୫ତମ ଜନ୍ମଦିନ ପାଳନ କରୁଛନ୍ତି। ଏହି ଅବସରରେ ଆସନ୍ତୁ ଜାଣିବା ଅମ୍ରିତା ଆଜିକାଲି କ'ଣ କରୁଛନ୍ତି। ଅମ୍ରିତାଙ୍କ ଜନ୍ମ ୭ ଜୁନ୍, ୧୯୮୧ ମସିହାରେ ମୁମ୍ବାଇରେ ହୋଇଥିଲା। ଫିଲ୍ମରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଜଣେ ମଡେଲ୍ ଭାବରେ କାମ କରୁଥିଲେ। ୨୦୦୨ ମସିହାରେ ଅକଲା ୟାଗ୍ନିକଙ୍କ ମ୍ୟୁଜିକ୍ ଭିଡିଓ 'ଥୋ ପ୍ୟାର୍ ମେରା' ସହିତ ତାଙ୍କ କ୍ୟାରିଅର୍ ଆରମ୍ଭ ହୋଇଥିଲା। ତା'ପରେ ସେ ସେହି ବର୍ଷ 'ଅବ୍ ଜେ ବରବ୍' ଫିଲ୍ମ ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ପରବର୍ତ୍ତୀ ସମୟରେ ସେ 'ଇଶ୍ କ ବିଶ୍ୱ', 'ମୈଁ ହୁଁ ନା', 'ବିବାହ' ଏବଂ 'ମସ୍ତି' ଭଳି ଫିଲ୍ମରେ ଅଭିନୟ କରିଥିଲେ। ମୂଳତ ବରଜାତ୍ୟାଙ୍କ ଫିଲ୍ମରେ ପୂନମ ଭୂମିକାରେ ତାଙ୍କ ଭୂମିକାକୁ ଏବେ ବି ଭାରତୀୟ ଫିଲ୍ମର ସବୁଠାରୁ ନିରାହ ଏବଂ ସଂସ୍କୃତିସମ୍ପନ୍ନ ଚରିତ୍ର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ଫିଲ୍ମ ତାଙ୍କ କ୍ୟାରିଅରରେ ଏକ ପ୍ରମୁଖ ମାଇଲଖୁଣ୍ଟ ପ୍ରମାଣିତ ହୋଇଥିଲା। ଅମ୍ରିତା ଶ୍ରେଷ୍ଠ ଥଲ ପାଇଁ 'ଠାକରେ' ଫିଲ୍ମରେ ନଜର ଆସିଥିଲେ। ତା'ପରେ, ତାଙ୍କ କ୍ୟାରିଅରର ଝିଅରରେ, ଅଭିନେତ୍ରୀ ହଠାତ୍ ବଡ଼ ପରଦାରୁ ଅଦୃଶ୍ୟ ହୋଇଗଲେ। ଅମ୍ରିତା ରାଓ ଏବେ ଫିଲ୍ମରୁ ଦୂରେଇ ରହି ନିଜ ବ୍ୟକ୍ତିଗତ ଜୀବନ ଉପରେ ଧ୍ୟାନ ଦେଉଛନ୍ତି। ସେ ୨୦୧୬ ମସିହାରେ ରେଡିଓ ଜକି ଅନମୋଲ ସୁଦକୁ ବିବାହ କରିଥିଲେ। ସେମାନଙ୍କର ଚାର ନାମକ ଏକ ପୁତ୍ର ଅଛି। ଫିଲ୍ମରୁ ଦୂରେଇ ଯିବା ପରେ, ଅମ୍ରିତା ଏବେ ତାଙ୍କ ସ୍ୱାମୀଙ୍କ ସହିତ ଏକ ପଡକାଷ୍ଟ ହୋଷ୍ଟ କରନ୍ତି, ଯେଉଁଠାରେ ସେ ପ୍ରମୁଖ ସେଲିବ୍ରିଟିଙ୍କ ସାକ୍ଷାତକାର ନିଅନ୍ତି। ତାଙ୍କର 'ଜଫଲ୍ ଅଫ୍ ଥିଙ୍ଗସ୍' ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଅଛି। ଏଥିସହିତ ଅଭିନେତ୍ରୀ ସୋସିଆଲ ମିଡିଆରେ ବହୁତ ସକ୍ରିୟ, ଉନଷ୍ଟାଗ୍ରାମରେ ତାଙ୍କର ୧.୬ ମିଲିୟନ୍ ଫଲୋଅର୍ସ ଅଛନ୍ତି, ଯେଉଁଠାରେ ସେ ପ୍ରାୟତଃ ଫଟୋ ସେୟାର କରନ୍ତି।

ଦ୍ୱିତୀୟ ବିବାହ କରିବେ ଜେନିଫର



ଟିଭି କୁନିଆର ଲୋକପ୍ରିୟ ଅଭିନେତ୍ରୀ ଜେନିଫର ଡ଼ିଙ୍ଗୋଟ ପ୍ୟାନଙ୍କ ପାଇଁ ଖୁସି ଖବର। ୪୧ ବର୍ଷ ବୟସରେ ସେ ଦ୍ୱିତୀୟ ବିବାହ କରିବାକୁ ଯାଉଛନ୍ତି। ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଜେନିଫର ଖୁବଶୀଘ୍ର ଜଣେ କୋଟିପତି ବ୍ୟବସାୟୀଙ୍କ ସହ ହାତ ଧରିବେ। ଏହି ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଜେନିଫର ଡ଼ିଙ୍ଗୋଟ୍ ଦୀର୍ଘ ଦିନ ହେବ ସିଙ୍ଗାପୁରସ୍ଥିତ ବିଜନେସମ୍ୟାନ୍ ଡ଼ିଲିୟମ ଲସମାଇଲଙ୍କୁ ସିକ୍ରେଟଲି ଡେଟିଂ କରୁଛନ୍ତି। ଡ଼ିଲିୟମ ଜଣେ ବ୍ୟବସାୟୀ, ତାଙ୍କର ମନୋରଞ୍ଜନ ଜଗତ ସହ କୌଣସି ସମ୍ପର୍କ ନାହିଁ। ସେ ଫାଇନାନ୍ସିଆଲ ସେକ୍ଟରରେ କାମ କରୁଥିବା ବେଳେ ଡିଜିଟାଲ ଆସେଟ୍, ଟ୍ରେନିଂ ଓ ଫରେନ୍ ଏକ୍ସଚେଞ୍ଜ ମାର୍କେଟ୍ ଭଳି କ୍ଷେତ୍ରରେ ମଧ୍ୟ ଅଭିଜ୍ଞତା ରଖିଛନ୍ତି। ଡ଼ିଲିୟମ ଲାଇମଲାଇଟରୁ ଦୂରରେ ରହିବାକୁ ପସନ୍ଦ କରନ୍ତି। ଆଉ ନିଜ ବ୍ୟକ୍ତିଗତ ଜୀବନକୁ ଗୋପନ ରଖିବାକୁ ଭଲ ପାଆନ୍ତି। କୁହାଯାଉଛି ଯେ ଡ଼ିଲିୟମଙ୍କ ସହ ସମୟ ବିତାଇବା ପାଇଁ ଜେନିଫର ପ୍ରାୟତଃ ସିଙ୍ଗାପୁର ଯାତ୍ରା କରୁଥିଲେ। ସେଠାରେ ଦୁହେଁ ମିଡିଆର ନଜରରୁ ଦୂରେ ରହି ଏକାଠି ହ୍ୱାଲିଟି ଟାଇମ୍ ବିତାଉଥିଲେ। ଛୁଟି କାଟିବା ସମୟରେ ଡ଼ିଲିୟମ ଜେନିଫରଙ୍କୁ ବିବାହ ପାଇଁ ପ୍ରପୋଜ୍ କରିଥିଲେ। ଏହି ପ୍ରସ୍ତାବକୁ ଜେନିଫର ସ୍ୱୀକାର କରିଥିବା କୁହାଯାଉଛି। ରିପୋର୍ଟ ଅନୁଯାୟୀ, ଜେନିଫର ଓ ଡ଼ିଲିୟମ ଏକାଠି ବେଶ ଖୁସିରେ ଅଛନ୍ତି। ଦୁହିଁଙ୍କ ମଧ୍ୟକ ବହୁତ ମଜବୁତ ଥିବା କୁହାଯାଉଛି। ବର୍ତ୍ତମାନ ସେମାନେ ନିଜ ବିବାହ ଯୋଜନାକୁ ନେଇ ବ୍ୟସ୍ତ ଅଛନ୍ତି। ଖବର ଅନୁଯାୟୀ, ଏହି ବର୍ଷ ସେପ୍ଟେମ୍ବର-ଅକ୍ଟୋବର କିମ୍ବା ଡିସେମ୍ବର-ଜାନୁଆରୀ ମଧ୍ୟରେ ବିବାହ ହୋଇପାରେ। ତେବେ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବୃତ୍ତାନ୍ତ ହୋଇନାହିଁ। ସବୁଠାରୁ ବଡ଼ କଥା ହେଉଛି, ଜେନିଫର ଡ଼ିଙ୍ଗୋଟ୍ ନିଜେ ଏପର୍ଯ୍ୟନ୍ତ ଏହି ବିବାହ ଖବରକୁ ନିଶ୍ଚିତ କରିନାହାନ୍ତି। ଜେନିଫର ଡ଼ିଙ୍ଗୋଟ୍ ୨୦୧୨ ମସିହାରେ ଟେଲିକିନିକ ଅଭିନେତା ଜରଣ ସିଂହ ଗ୍ରୋଭରଙ୍କୁ ବିବାହ କରିଥିଲେ। ସେମାନଙ୍କ ବୈବାହିକ ଜୀବନ ବେଶିଦିନ ତିଷ୍ଠି ନଥିଲା। ବିବାହର ମାତ୍ର ଦୁଇ ବର୍ଷ ପରେ ୨୦୧୪ ମସିହାରେ ଦୁହେଁ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ଏହାପରେ ଜେନିଫର ନିଜ କ୍ୟାରିୟର ଉପରେ ଧ୍ୟାନ ଦେଇ ଅନେକ ଲୋକପ୍ରିୟ ଧାରାବାହିକ ଓ ୱେବ୍ ସିରିଜରେ ଅଭିନୟ କରିଛନ୍ତି। ବର୍ତ୍ତମାନ ତାଙ୍କ ଦ୍ୱିତୀୟ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି ଯେ ଜେନିଫର କେବେ ଏହି ଖବରର ଖୁଲାସା ନିଜେ କରିବେ। ସେ ପର୍ଯ୍ୟନ୍ତ ଏହି ଖବରକୁ ଆମେ କେବଳ ଚର୍ଚ୍ଚା ବୋଲି କହିପାରିବା।

ଗୋଟିଏ ପୋକର ଦାମ ୭୫ ଲକ୍ଷ



ଆପଣ କେବେ ଭାବିଛନ୍ତି କି ଏକ ଛୋଟ କୀଟ ଆପଣଙ୍କ ଭାଗ୍ୟ ବଦଳାଇ ଦେଇପାରେ ? ହଁ, ଠିକ୍ ଶୁଣିଛନ୍ତି ! ଷ୍ଟେଗ୍ ବିଟଲ୍, ଯାହାକୁ ବିଶ୍ୱର ସବୁଠାରୁ ମହଙ୍gା କୀଟ ବୋଲି ଗଣାଯାଏ, ଏହାର ମୂଲ୍ୟ ଏତେ ଅଧିକ ଯେ ଏହାକୁ ବିକ୍ରି କରି ଆପଣ ଟୋୟୋଟା ଫର୍ଚ୍ୟୁନର ଭଳି ଲଗଜରୀ କାର୍ କିଣିପାରିବେ। ଏହି କୀଟର ମୂଲ୍ୟ ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ଏହାର ଛିଣ୍ଡି ଦୁର୍ଲଭ ପ୍ରଜାତି ୫୯୦,୦୦୦ (ପ୍ରାୟ ୭୫ ଲକ୍ଷ ଟଙ୍କା)ରେ ବିକ୍ରି ହୋଇଛି। ଏହାର ଦୁର୍ଲଭତା, ଗଠନ ଏବଂ ସାଂସ୍କୃତିକ ଗୁରୁତ୍ୱ ଏହାକୁ ସଂଗ୍ରାହକ ଓ କୀଟପ୍ରେମୀଙ୍କ ମଧ୍ୟରେ ଷ୍ଟେଟସ୍ ସିମ୍ବଲ୍ କରିଦେଇଛି।

ଷ୍ଟେଗ୍ ବିଟଲ୍ ୧,୨୦୦ରୁ ଅଧିକ ପ୍ରଜାତି ରହିଛି, ଯାହା ମୁଖ୍ୟତଃ ୟୁରୋପ, ଏସିଆ ଓ ଆମେରିକାର ଉଷ୍ଣକଟିବନ୍ଧୀୟ ଜଙ୍ଗଲରେ ଦେଖାଯାଏ। ଭାରତରେ ଏହା ଆସାମ, ଅରୁଣାଚଳ ପ୍ରଦେଶ, ସିକ୍କିମ ଓ ପଶ୍ଚିମ ଘାଟର ଜଙ୍ଗଲରେ ମିଳେ। ଏହାର ନାମ ନର ଷ୍ଟେଗ୍ ବିଟଲ୍‌ର ବଡ଼ ଦାନ୍ତ (ମ୍ୟାଣ୍ଡିବଲ୍) ହେତୁ ପଡ଼ିଛି, ଯାହା ହରିଣର ଶିଙ୍ଗ ଭଳି ଦେଖାଯାଏ। ନର ବିଟଲ୍ ୩୫-୭୫ ମି.ମି. ଏବଂ ମାଇ ୩୦-୫୦ ମି.ମି. ଲମ୍ବା ହୋଇଥାଏ। ଏମାନଙ୍କର ଓଜନ ୨-୬ ଗ୍ରାମ ଏବଂ ଆୟୁଷ ୩-୭ ବର୍ଷ।

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ମଙ୍ଗଳବାର ୧୦ ନଭେମ୍ବର ୨୦୨୬

ଧର୍ମନିରପେକ୍ଷବାଦୀମାନେ ହେଜନ୍ତୁ

ଆମ ଦେଶରେ ଧର୍ମନିରପେକ୍ଷ ଶବ୍ଦଟି ଏକପ୍ରକାର ଆଧୁନିକତାର ପର୍ଯ୍ୟାୟବାଚୀ ହୋଇଯାଇଛି । ତାସହିତ ସମାଜବାଦୀ ଶବ୍ଦ ମିଶି ଗଲେ ସୁନାରେ ସୁହାଗ ଭଳି ବୋଧ ହେଇଛି । ସାଧାରଣତଃ କଂଗ୍ରେସ, ସମାଜବାଦୀ ଓ ବାମପନ୍ଥୀମାନେ ନିଜକୁ ବଡ ଗର୍ବରେ ଧର୍ମନିରପେକ୍ଷବାଦୀ ବୋଲି ପରିଚୟ ଦିଅନ୍ତି । ଅପରପକ୍ଷରେ ବିଜେପି ଓ ଏହାର ସହଯୋଗୀମାନଙ୍କୁ ସାମ୍ପ୍ରଦାୟିକ, ପୁଞ୍ଜିବାଦୀ ବୋଲି ଅପମାନସୂଚକ ଶବ୍ଦ ପ୍ରୟୋଗ କରିଥାନ୍ତି । ବିଭାଜନ ପୂର୍ବର୍ତ୍ତି ମଧ୍ୟ ଏ ଶବ୍ଦର ଜଂଗ୍ରେସ ଭରପୁର ପ୍ରଚାର କରୁଥିଲା । ଅନ୍ୟମାନେ ଭାଇତାରା ଓ 'ଗଙ୍ଗାଜମୁନା ତହଜିବ' ଶବ୍ଦର ଖୁବ ଜୋରଶୋରରେ ପ୍ରଚାର କରୁଥିଲେ । ଆଜିମଧ୍ୟ ଜଂଗ୍ରେସ ଲୋଢେ 'ହିନ୍ଦୁ ମୁସଲିମ ଶିଖ ଈଶାୟୀ, ହମସବ୍ ହେ ଭାଇଭାଇ' ର ନାରା ଦିଅନ୍ତି । ଗାନ୍ଧିଜୀ ମୁସଲମାନମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଶେଷନିଶ୍ୱାସ ପର୍ଯ୍ୟନ୍ତ ଲଢିଥିଲେ । ଏତେସବୁ ସତ୍ତ୍ୱେ ଧର୍ମ ଆଧାରରେ ଦେଶର ବିଭାଜନ ହେଲା । ମୁସଲିମ ସିଧାସଳଖ କହିଲା ଯେ, ହିନ୍ଦୁମାନଙ୍କ ସହ ଆମେ ଏକାଠି ରହିପାରିବୁ ନାହିଁ । ଏଣୁ ଆମ ପାଇଁ ଅଲଗା ପାକିସ୍ତାନ ଦରକାର । ଙ୍କଷ୍ୟ ଦୃଷ୍ଟିରୁ ଯେଉଁଯେଉଁ ସ୍ଥାନରେ ମୁସଲିମ ଅଧିକ ଥିଲେ , ସେହିସବୁ ସ୍ଥାନକୁ ନେଇ ପାକିସ୍ତାନ ସୃଷ୍ଟି ହେଲା । ବିଭାଜନ ସମୟରେ ପାକିସ୍ତାନରେ ହିନ୍ଦୁମାନଙ୍କ ସଂଖ୍ୟା ପାଖାପାଖି ୨୩ ପ୍ରତିଶତ ଥିଲା । କିନ୍ତୁ ପ୍ରଚାରଣା , ଭୟ ଓ ପ୍ରଲୋଭନ କାରଣରୁ ଏହି ସଂଖ୍ୟା ଏବେ ୨ ପ୍ରତିଶତକୁ ଖସି ଆସିଛି । ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ଦେଶ ସୃଷ୍ଟି ହେବାରୁ ଭାରତରେ ରହିଯାଇଥିବା ମୁସଲମାନମାନେ ପାକିସ୍ତାନ ଚାଲିଯିବେ ବୋଲି ଅନେକ ଭାବିଥିଲେ । କିନ୍ତୁ ସେପରି ହେଲାନାହିଁ । ବିହାର ଓ ଉତରପ୍ରଦେଶର ମାତ୍ର କିଛି ଲକ୍ଷ ମୁସଲମାନ ପାକିସ୍ତାନକୁ ଗଲେ । କିନ୍ତୁ ବିଧିର ବିଡମ୍ବନା ପାକିସ୍ତାନରେ ଆଜିପର୍ଯ୍ୟନ୍ତ ସେମାନଙ୍କୁ ମୁଜାହିର ବୋଲି କୁହାଯାଉଛି । କାରଣ ସେମାନେ ସ୍ଥାନରେ ଏମାନଙ୍କ ସଂଖ୍ୟା କିଛି ଅଧିକ ହୋଇଥିବାରୁ ଏମାନେ ଭଲରେ ଅଛନ୍ତି । କିନ୍ତୁ ପାକିସ୍ତାନର ଅନ୍ୟତ୍ର ସେମାନଙ୍କ ସହିତ ବିଦ୍ୱେଷ ଭାବ ଦେଖାଯାଉଛି । ବିଭାଜନ ସମୟରେ ହିଁ ଭାରତର ସମ୍ବିଧାନ ପ୍ରଣୟନ ହୋଇଥିଲା । ସେତେବେଳେ କେତେକ ସଭ୍ୟ ଧର୍ମନିରପେକ୍ଷ ଓ ସମାଜବାଦୀ ଭଳି ଶବ୍ଦର ପ୍ରୟୋଗ କରିବାକୁ ଚାହିଁଥିଲେ । କିନ୍ତୁ ବିଭାଜନଜନ୍ୟାନ୍ତ ଚିତ୍ତ ଅନୁକୂଳେ ହେତୁ ସର୍ବାର ପଟେଲ, ଡଃ ରାଜେନ୍ଦ୍ର ପ୍ରସାଦ ଓ ଡଃ ଭୀମରାଓ ଆମ୍ବେଦକରଙ୍କ ଭଳି ନେତାମାନେ ଏହାର ପ୍ରବଳ ବିରୋଧ କରନ୍ତେ ସମ୍ବିଧାନରେ ଏହି ଶବ୍ଦକୁ ପୁରାଇବା ସମ୍ଭବ ହେଲା ନାହିଁ । ସୁରଜାଯୋଗ୍ୟ ଯେ, ୧୯୭୬ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା ବେଳେ ଏବଂ ସମସ୍ତ ବିରୋଧୀଦଳ ନେତା ଜେଲରେ ବନ୍ଦୀ ଥିଲାବେଳେ ବିନା ଆଲୋଚନାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରାଗାନ୍ଧୀ ସମ୍ବିଧାନର ମୁଖବନ୍ଧରେ ଧର୍ମନିରପେକ୍ଷ ଓ ସମାଜବାଦୀ ଶବ୍ଦକୁ ଏକପ୍ରକାର ପଛ ଦରଜା ଦେଇ ପୁରାର ଦେଇଥିଲେ । ସମ୍ବିଧାନର ମୁଖବନ୍ଧକୁ ଏହାର ଆତ୍ମା ବୋଲି ଧରାଯାଏ । ଏହା ଅପରିବର୍ତ୍ତନୀୟ ବୋଲି ସାରା ବିଶ୍ୱରେ ଏକ ବିଶ୍ୱାସ ରହିଛି । କିନ୍ତୁ ତାହାସତ୍ତ୍ୱେ ଏହି ଦୁଇଟି ଶବ୍ଦକୁ ଏକ ଅତ୍ୟନ୍ତ ବିବାଦୀୟ ପରିସ୍ଥିତିରେ ଆମ ସମ୍ବିଧାନର ମୁଖବନ୍ଧରେ ଯୋଡି ଦିଆଯାଇଛି । ଏବେବି ଆମଦେଶରେ କଂଗ୍ରେସୀ, ସମାଜବାଦୀ ଓ ବାମପନ୍ଥୀମାନେ ନିଜକୁ ଧର୍ମନିରପେକ୍ଷବାଦୀ ଓ ସମାଜବାଦୀ କହି ଗର୍ବକରନ୍ତି । ସେମାନଙ୍କ ସଙ୍ଗରେ ମୁସଲିମ ଲିଗ ଓ ଏଆଇଏମଏମ ଭଳି ଘୋର ସାମ୍ପ୍ରଦାୟିକ ଦଳ ମଧ୍ୟ ନିଜକୁ ଧର୍ମନିରପେକ୍ଷ ଓ ସମାଜବାଦୀ ବୋଲି କହିଥାନ୍ତି । କଥାକଥାରେ ଏମାନେ ଭାଇତାରା ଓ ଗଙ୍ଗାଜମୁନା ତହଜିବ' ଶବ୍ଦର ପ୍ରୟୋଗ କରିବାରେ ଗର୍ବ ଅନୁଭବ କରିଥାନ୍ତି । ସମ୍ପ୍ରତି ବଙ୍ଗଳାଦେଶରେ ଅନୁଷ୍ଠିତ ସମ୍ବାପରିବର୍ତ୍ତନ ପରେ ଧର୍ମନିରପେକ୍ଷ ଶବ୍ଦର ଅସଲ ତେହେରା ପବାକୁ ଆସିଛି । ବଙ୍ଗଳାଦେଶର ଗଠନ ପୂର୍ବରୁ ପାକିସ୍ତାନ ସ୍ଥାନରେ ହିଁ ଥୋଇଛି । ପାକିସ୍ତାନ ଗଠନ ସମୟରେ ସେଠାରେ ମଧ୍ୟ ରକ୍ତର ନଦୀ ବୋହିଥିଲା । ନୂଆଖାଲି , ଚିଟଗାଓଁ ଭଳି ସ୍ଥାନରେ ହଜାରହଜାର ହିନ୍ଦୁଙ୍କ ଘରଦ୍ୱାର , ହତ୍ୟା, ମହିଳାମାନଙ୍କୁ ଦୁଷ୍କର୍ମ ଓ ଲୁଣ୍ଠନ ଭଳି ଅବସ୍ଥାର ସାକ୍ଷୀ ଅଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ହେଲା ଯେ, ୧୯୭୧ରେ ସେହି ପୂର୍ବ ପାକିସ୍ତାନରେ ବଙ୍ଗାଳୀମାନଙ୍କ ଉପରେ ପଶ୍ଚିମପାକିସ୍ତାନର ସେନା ଅଭଦ୍ରତାର ଅତ୍ୟଚାର କଲେ । ସେଠାକାର ପାକିସ୍ତାନୀ ସେନାନାୟକ ନିଆଜୀ କହିଥିଲେ ଯେ, ମୁଁ ବଙ୍ଗାଳୀମାନଙ୍କ ଜିନକୁ ବଦଳାଇଦେବାକୁ ଚାହିଁବୋଲି ନିର୍ଦ୍ଦେଶ ଦେଲାପରେ ସେଠାକାର ପାକିସ୍ତାନୀ ସୈନ୍ୟମାନେ ହଜାରହଜାର ବଙ୍ଗାୟ ସୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ଏହାର ପ୍ରତିବାଦ ଜରତେ ଲକ୍ଷାଧିକ ବଙ୍ଗାଳୀଙ୍କୁ ହତ୍ୟା କରାଯିବା ସହ ସେମାନଙ୍କ ଉପରେ ଘୋର ଦମନଲୀଳା ଚାଲିଥିଲା । ଏହାର ପରିଣାମରେ ଏକକୋଟିରୁ ଉର୍ଦ୍ଧ୍ୱ ବଙ୍ଗାଳୀ ଶରଣାର୍ଥୀ ଭାରତରେ ପ୍ରବେଶ କରିବା ଓ ଭାରତୀୟ ସେନା ସେମାନଙ୍କୁ ତାଲିମ ଦେଇ ମୁକ୍ତିବାହିନୀ ଗଢିବା ଆଜି ଇତିହାସ ହୋଇଯାଇଛି । ତେବେ ମୁକ୍ତିବାହିନୀ ସହ ମିଶି ଭାରତୀୟ ସେନା ସେଠାରେ ପାକିସ୍ତାନୀ ସୈନ୍ୟମାନଙ୍କୁ ଆତ୍ମସମର୍ପଣ କରିବାକୁ ବାଧ କରିଥିଲେ । ଏହାପରେ ନୂତନ ବଙ୍ଗାଳାଦେଶର ଜନ୍ମ ହୋଇଥିଲା । ମୁକ୍ତିବାହିନୀର ନେତୃତ୍ୱ ନେଇଥିବା ଶେଖ ମୁଜିବୁର ରହମାନ ନୂଆଦେଶ ଗଢାଯାଇଥିବା ବଙ୍ଗାଳାଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବର ବଙ୍ଗାଳାଦେଶକୁ ଏକ ଧର୍ମନିରପେକ୍ଷ ଦେଶଭାବେ ଘୋଷଣା କରିଥିଲେ । କିନ୍ତୁ ପାଚଂବର୍ଷ ଭିତରେ ତାଙ୍କର ଅଧୁରତର ଥିବା ସେନାନାୟକ ବିଦ୍ରୋହ କରି ତାଙ୍କୁ ହତ୍ୟା କରିବା ସହ କ୍ଷମତାହଡେର ନେଇଥିଲେ । ତାପରେ ସେ ଏହି ଦେଶକୁ ଇସଲାମିକ ରିପବ୍ଲିକ ଘୋଷଣା କଲେ । ପରେପରେ ଅନେକଥର ସେନାବାହିନୀର ବିଭିନ୍ନ ଗୋଷ୍ଠୀ ଦ୍ୱାରା ସାମରିକ ବିଦ୍ରୋହ ସଫାପରିବର୍ତ୍ତନ ହେବା ପରେ ଶେଷରେ ଏଠାରେ ପୁଣି ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଚାଲିଲା ଏବଂ ଶେଖ ମୁଜିବୁର ରହମାନଙ୍କ ପୁତ୍ରୀ ଶେଖ ହସୀନା ପ୍ରଧାନମନ୍ତ୍ରୀ ଭାବେ କ୍ଷମତାସୀନ ହେଲାପରେ ୨୦୧୧ରେ ସମ୍ବିଧାନ ସଂଶୋଧନ କରି ଏଥିରେ ତିନୋଟି ପରିବର୍ତ୍ତନ କରିଥିଲେ । ପ୍ରଥମଟି ହେଲା ବଙ୍ଗଳାଦେଶ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ । ଦ୍ୱିତୀୟରେ ସାମରିକ ବାହିନୀ ଦ୍ୱାରା କ୍ଷମତା ପରିବର୍ତ୍ତନ ହୋଇପାରିବ ନାହିଁ । ତୃତୀୟଟି ଥିଲା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କୁ ପାଦର ଅଫ ଦି ବଙ୍ଗାଳାଦେଶ ବା ବଙ୍ଗାଳାଦେଶର ରାଷ୍ଟ୍ରପିତା ଘୋଷଣା କରାଯାଇଥିଲା । ଏହାସତ୍ତେ ତଳିତବର୍ଷ ଛାତ୍ର ଆନ୍ଦୋଳନକୁ ଆଳ କରି ସେଠାକାର ଜିହାଦୀ ଓ

ଚିନ୍ମୟ ଚେତନା : ଜ୍ଞାନ ନୁହେଁ ଉପାଧି ଲୋଡ଼ା ଚିନ୍ମୟ ହୋତା

ଗୋଟେ ସମୟ ଥିଲା ଯେତେବେଳେ ନିଜ ନାଁ ଆଗରେ 'ଡକ୍ଟର' ଶବ୍ଦଟି ଲଗାଇବାକୁ ହେଲେ ବହୁ ବିନିଦ୍ର ରଜନୀ ବିତାଇବାକୁ ପଡୁଥିଲା । ବର୍ଷ ପରେ ବର୍ଷ ପଢ଼ାଶୁଣା, ଗବେଷଣା, ପାଠାଗାରର ଧୂଳି ଖାଇବା, ଥିସିସ ଲେଖିବା, ଗାଇଡ଼ଙ୍କ ଜନ୍ମ-ମୟମ ସହିତା: ଏସବୁ ପରେ ଯାଇ ଦିନେ ଗବେଷଣାର ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାମର ଆରମ୍ଭରେ ଯୋଡ଼ି ହେଇଥିଲା ସେହି ବହୁ ଆକାଂକ୍ଷିତ ଉପାଧି- ଡକ୍ଟର । ଗାଁ ସାହିର ଲୋକଙ୍କଠାରୁ ଆରମ୍ଭ କରି ଆତ୍ମୀୟସ୍ୱଜନ, ସମସ୍ତଙ୍କ ଆଖିରେ ରାତାରାତି ବଢ଼ି ଯାଇଥିଲା ତାଙ୍କର ମର୍ଯ୍ୟାଦା । ହଠାତ୍ ସେ ହୋଇ ଉଠୁଥିଲେ ଜ୍ଞାନବିଜ୍ଞାନର ଜଣେ ତଳନ୍ତା ବିଶ୍ୱକୋଷ । କିନ୍ତୁ ସେ ଥିଲା ଅତୀତର କଥା । ଏବେ ଡକ୍ଟରେଟର ବଜାରରେ ଏମିତି ଜୁଆର ଆସିଛି ଯେ, ଲାଗୁଛି ଜ୍ଞାନ ଅର୍ଜନ ନୁହେଁ, ଉପାଧି ଅର୍ଜନ ହିଁ ଶିକ୍ଷାର ବୃତ୍ତାନ୍ତ ଲକ୍ଷ୍ୟ । ବିଶ୍ୱବିଦ୍ୟାଳୟରେ ବର୍ଷ ପରେ ବର୍ଷ ଗବେଷଣା କରିବାର ଯୌର୍ଯ୍ୟ କାହାର ବା ଅଛି ? ତା'ଠାରୁ ସହଜ ପଥଟି ଖୋଲିଯାଇଛି ଏବେ । ଗଢୁରି ଉଠିଛନ୍ତି ଅନେକ ବିତଣ୍ଡଶ ସଂସ୍ଥା, ଯେଉଁମାନେ ନିର୍ଦ୍ଦିଷ୍ଟ ଅର୍ଥର ବିନିମୟରେ ଡକ୍ଟରେଟ ଭଳି ମହାର୍ଘ ଉପାଧି ପ୍ରଦାନ କରିବାକୁ କିମ୍ବା ଯୋଗାଡ଼ କରିଦେବାକୁ ପ୍ରସ୍ତୁତ । ଗବେଷଣାର ବିଷୟ, ଥିସିସର ମାନ, ମୌଳିକ ଚିନ୍ତନ, ଏ ସବୁ ନେଇ ମୁଣ୍ଡ ଖେଳେଇବାର ଆବଶ୍ୟକତା ନାହିଁ । ପଇସାରେ ପଇସା ଥିଲେ ଧଇଁସଇଁ ହୋଇ ଶିଢ଼ି ଚଢ଼ିବା ବଦଳରେ ଲିଫ୍ଟ ଚଢ଼ି ଧୀରା ଶିଖରରେ ପହଞ୍ଚି ଯାଇହେବ । ଅବଶ୍ୟ ଏହି ଲିଫ୍ଟ ଓ ବିଶ୍ୱବିଦ୍ୟାଳୟର ଲିଫ୍ଟ ଭିତରେ ତଫାତ ରହିଛି । ବିଶ୍ୱବିଦ୍ୟାଳୟର ଲିଫ୍ଟ ମଝିରେ ମଝିରେ ଖରାପ ହୋଇଯାଏ, କିନ୍ତୁ ଏଇ ଡକ୍ଟରେଟର ଲିଫ୍ଟ ସର୍ବଦା ସଚଳ । ଟଙ୍କା ଜମା କରନ୍ତୁ, ଆବେଦନପତ୍ର ପୂରଣ କରନ୍ତୁ, ଏବଂ ସାଙ୍ଗରେ ଆପଣଙ୍କ ଫଟୋ ଓ ଏକ ଙ୍କଷିପ୍ତ ଜୀବନୀ ବାଖଲ କରିଦେଲେ କାମ ଶେଷ । କିଛି ଦିନ ଭିତରେ ଆପଣ ହୋଇଯିବେ 'ଡକ୍ଟର' । ଏଇ ସମୟରେ ମଣିଷ ଡିଗ୍ରି ଅର୍ଜନ କରି ନିଜର ଯୋଗ୍ୟତା ପ୍ରମାଣ କରୁଥିଲା, ଏବେ ଅନେକେ ଡିଗ୍ରି ଅର୍ଜନ କରନ୍ତି ନିଜର ଯୋଗ୍ୟତା ସାବ୍ୟସ୍ତ କରିବାକୁ । ନାମ ଆଗରେ 'ଡାକ୍ତର' ବସାଇ ଭିଜିଟିଙ୍ଗ କାର୍ଡ ଛପା ହୁଏ, ଘର ସାମନାରେ ନେମପ୍ଲେଟ ଲଗାହୁଏ, ଫେସବୁକରେ ପ୍ରଫାଇଲ ଅପଡେଟ କରାଯାଏ । ଆତ୍ମୀୟମାନଙ୍କ ହାତ୍ସଆପ ଗ୍ରୁପରେ ଖବରଟି ଏମିତି ଦ୍ରୁତ ଗତିରେ ପହଞ୍ଚିଯାଏ, ଯେମିତି ଏ ବର୍ଷର ନୋବେଲ ପୁରସ୍କାରଟି ସବ୍ୟ ହାତକୁ ଆସିଯାଇଛି । ତେବେ ଏଇ ଉପାଧିର ସବୁଠୁ ବଡ଼ ବୁଝିଥାଟି ହେଲା, ଆପଣଙ୍କୁ ଆଗକୁ ଆଉ ବିଶେଷ କିଛି ଜାଣିବାକୁ ପଡ଼ିବ ନାହିଁ । ଆପଣଙ୍କ ନାମ ପୂର୍ବରୁ 'ଡକ୍ଟର' ଦେଖିଲା ମାତ୍ରେ ଅନେକେ ଧରି ନେବେ ଆପଣଙ୍କ ଜ୍ଞାନର ଗଭୀରତା ପ୍ରଶ୍ନାନ୍ତ ମହାସାଗର ଭଳି । ଆପଣ ଯଦି କୌଣସି ଆଲୋଚନା ବେଳେ ଜଟିଳ ପ୍ରଶ୍ନର ଉତର ଦେବ ପାଉନାହାନ୍ତି, ଆପଣ ନିର୍ଦ୍ଦିଘ୍ନରେ କହି ପାରିବେ, "ଏ ବିଷୟରେ ଆହୁରି ଗବେଷଣାର ଆବଶ୍ୟକତା ରହିଛି । ଅବସୋସର କଥା, ନୂଆ ପିଢ଼ିର ଗବେଷକମାନେ ଏ ବିଷୟଟିକୁ ଗୁରୁତ୍ୱ ଦେଉ ନାହାନ୍ତି" ଆଉ କେହି ଯଦି ଆପଣଙ୍କ ଗବେଷଣା ବିଷୟରେ ବିଶେଷ ଜାଣିବାକୁ ଚାହାନ୍ତି, ତେବେ ଆପଣ ଏମିତି ଦୁର୍ବୋଧ୍ୟ ନାମ ଓ ଶବ୍ଦ ସବୁ କହିବା ଆରମ୍ଭ କରିଦେବେ ଯେ ପ୍ରଶ୍ନକର୍ତ୍ତା ନିଜର ଅଜ୍ଞତା ଯୋଗୁଁ ଲଜ୍ଜିତ ହୋଇ ଆଉ ଦ୍ୱିତୀୟ ପ୍ରଶ୍ନ କରିବେ ନାହିଁ । ଅବଶ୍ୟ ପ୍ରକୃତ ଗବେଷକଙ୍କ କଥା ଅଲଗା । ସେମାନେ ଜାଣନ୍ତି ଯେ ଗୋଟିଏ ପ୍ରଶ୍ନର ଉତର ଖୋଜିବାକୁ ଗଲେ ଆହୁରି ବଙ୍ଗଟି ପ୍ରଶ୍ନର ମୁହାଁମୁହିଁ ହେବାକୁ ପଡ଼େ । ଗବେଷଣା ମାନେ ତ କେବଳ ତଥ୍ୟ ଙ୍କଗ୍ରହ କରିବା ନୁହେଁ, ବରଂ ପ୍ରତିଟି ଧାରଣାକୁ ମଧ୍ୟ ଯାଚଁ କରିବା, ଭୁଲ୍ ଧାରଣା ଜରିବା ଓ ନୂତନ ତଥ୍ୟର ସନ୍ଧାନରେ ଅନିଷ୍ଟୟତାର ସହ ଅଧବସାୟ କରିଚାଲିବା । ସେମାନଙ୍କ ଡକ୍ଟରେଟ ପଛରେ ଥାଏ ପରିଶ୍ରମ, ନିଷ୍ଠା ଓ ବହୁ ବର୍ଷର ମାନସିକ ସଂଗ୍ରାମ । ଅଥଚ ବଜାରରେ ଉପଲବ୍ଧ ଡିଗ୍ରି କାରଣରୁ ଏହି ଜଟିନ ଅଧବସାୟଟି ଆଜି ସନ୍ଦେହର ବଳୟ ଭିତରେ ପଡ଼ିଯାଇଛି । ଏହା ହିଁ ବିପଦ । ନକଲି ଜିନ୍ସ ଅଷ୍ଟାକୃତ ସଂସ୍ଥା ପ୍ରଚାର କରୁଥିବା ଡିଗ୍ରି ଓ ଙ୍ଖାକୃତ ବିଶ୍ୱବିଦ୍ୟାଳୟର ଗବେଷଣାଲିବ୍ଧି ଡକ୍ଟରେଟ ଏକ ପ୍ରକାରର ଜିନିଷ ନୁହେଁ । କିନ୍ତୁ ସାଧାରଣ ମଣିଷ ଜାହାର ନାମ ପୂର୍ବରୁ ଥିବା ସେହି ଏକା 'ଡକ୍ଟର' ଶବ୍ଦର ପାର୍ଥକ୍ୟତି ବୁଝିବ ବା କିପରି ? ଫଳରେ ପ୍ରକୃତ ଗବେଷକଙ୍କ ସ୍ଥାନ ମଧ୍ୟ କେବେ କେବେ ଏସବୁ ଶସ୍ତା ଉପାଧିର ଭିଡ଼ ଭିତରେ ମ୍ଲାନ ହୋଇଯାଏ । ଆଉ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ନିଜତରେ ପ୍ରଶ୍ନ ଉଠେ- ଯେଉଁ ସମାଜରେ ଉପାଧିର ମୂଲ୍ୟ ଆଜ୍ଞ ଅପେକ୍ଷା ଅଧିକ ବୋଲି ବିଚାର କରାଯାଏ, ସେଠାରେ ଗବେଷଣାର ଭବିଷ୍ୟତ କେତେ ଉଜ୍ଜ୍ୱଳ ପୁର୍ବେ କୁହାଯାଇଥିଲା, "ବିଦ୍ୟା ଦଦାତି ବିନୟଂ", ଅର୍ଥାତ୍ ବିଦ୍ୟା ମଣିଷକୁ ବିନୟୀ କରି ତୋଳେ । ଆଜିକାଲି କିନ୍ତୁ ମନେ ହୁଏ ବିଦ୍ୟା ଆଉ କି ନଆର, ଡକ୍ଟରେଟ ମଣିଷକୁ ଆତ୍ମବିଶ୍ୱାସୀ କରି ତୋଳେ । ବିଶେଷତଃ ଏମିତି ଆତ୍ମବିଶ୍ୱାସ, ଯାହା ଜଣକର ଆଖପାଖକୁ ମଧ୍ୟ ଜ୍ଞାନର ଗିରରେ ବୋଳି ଧାରଣା ସୃଷ୍ଟି କରିପକାଏ । ତେବେ ଭବିଷ୍ୟତରେ ହେବ ତ'ଣ ? ବିନ୍ନ ହୁଏତ ବଜାରରେ ଏମିତି ପ୍ୟାକେଜ ମଧ୍ୟ ମିଳିବ- ସାଧାରଣ ଡକ୍ଟରେଟ, ପ୍ରିମିୟମ ଡକ୍ଟରେଟ, ଆଉ ବିଶେଷ ରିହାତିଯୁକ୍ତ ଆନର୍ତ୍ତାତିକ ଡକ୍ଟରେଟ । ମଧ୍ୟଯୁଗୀୟ ଇଉରୋପରେ ଯେଉଁମାନେ ଦର୍ଶନ ଓ ଜ୍ଞାନ କ୍ଷେତ୍ରରେ ଗଭୀର ସତ୍ୟର ସନ୍ଧାନ କରିବାରେ ବ୍ରତୀ ଥିଲେ, ସେମାନଙ୍କୁ ପିଏଚଡି ଅର୍ଥାତ୍ ଡକ୍ଟର ଅଫ ଫିଲୋସୋଫି କୁହାଯାଉଥିଲା । କିନ୍ତୁ ଆଜି ଅନେକେ ଜ୍ଞାନଠାରୁ ବହୁତ ଦୂରରେ ଥାଇ ବି ସେହି ଉପାଧି ସହଜରେ ହାସଲ କରିନେଉଛନ୍ତି । ଏ ଅବସ୍ଥା ଜାରି ରହିଲେ ଦିନେ ପୃଥିବୀ ଜ୍ଞାନୀମାନେ ନିଜର ପରିଚୟ ଦେବାକୁ ଲଜ୍ଜା କରିବେ, ଆଉ ଡକ୍ଟରେଟ ମୁହଁଟା ପିଛିଥିବା ଅଜ୍ଞମାନେ ଜ୍ଞାନବିଜ୍ଞାନର ସଭା ମଞ୍ଚକ ଜରିବେ ।

ଶକ୍ତି ପଟଂକ

ବର୍ତ୍ତମାନ ପୃଥିବୀ ସଙ୍କ୍ଷୁବ୍ଧ ହୋଇଥିବା ବାଣିଜ୍ୟିକ ଅସ୍ଥିରତା, ଯୁଦ୍ଧ ଓ ତେଲ ଙ୍କଟ ତଥା ମୁଦ୍ରାଷ୍ଟାତି ସମ୍ଭାବନା ଆଦି ଭଳି ପ୍ରତିବନ୍ଧକମାନଙ୍କର ଉତ୍ପ୍ଲେଷ ଜରି ଏହାର ସଫଳ ମୁକାବିଲା ନିମିତ ପାଂଚଟି ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଧ୍ୟାନ ଦେବା ପାଇଁ ଶକ୍ତିକାନ୍ତ ଦକ୍ଷିଣ ବିଶ୍ୱର ଦେଶମାନଙ୍କୁ ଉପଦେଶ ଦେଇଛନ୍ତି । ସେଗୁଡ଼ିକ ହେଲେ: ଖାଦ୍ୟ ନିରାପତା, ବାଣିଜ୍ୟ ବିବିଧୀକରଣ, ଶକ୍ତି ପରିବର୍ତ୍ତନ (ଏନର୍ଜି ଟ୍ରାନ୍ସିସନ), ସାମଗ୍ରିକ ଅର୍ଥନୈତିକ ସ୍ଥିରତା (ମାକ୍ରୋ-ଇକୋନୋମିକ ଷ୍ଟାବିଲିଟି) ଓ ନିଯୁକ୍ତି ସୃଷ୍ଟି । ପଦାର୍ଥବିଜ୍ଞାନର ଏକ ସୁପରିଚିତ ଧାରଣାକୁ ଭିତ୍ତି କରି ଅର୍ଥଶାସ୍ତ୍ରରେ ଯେଉଁ ଏକ ଚାପ୍ରର୍ଯ୍ୟପୂର୍ଣ୍ଣ ଧାରଣାର ଆବିର୍ଭାବ ଘଟିଛି, ତାହା ହେଉଛି- 'ବିଶ୍ୱ ଅର୍ଥନୈତିକ ଭାରକେନ୍ଦ୍ର' ('ଗ୍ଲୋବାଲ ଇକୋନୋମିକ ସେଂଟର ଅଫ ଗ୍ରାଭିଟି') । 'ଗ୍ରହମୋ ଇକୋନୋମିକ୍ସ' ବା 'ଅର୍ଥନୈତିକ ମାନବ' ରୂପେ ପରିଚିତ ମାନବ ଜାତିର ସଦ୍ୟତ୍ୟମାନେ ପୃଥିବୀ ସାରା ବିଞ୍ଚିପ୍ତ ଅବସ୍ଥାରେ ଥାଇ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟ ଙ୍ଖପାଦନରେ ବ୍ୟାପୃତ ଥାଆନ୍ତି; କିନ୍ତୁ ସେମାନଙ୍କ ଦ୍ୱାରା ଙ୍ଖପାଦିତ ଅର୍ଥନୈତିକ କାର୍ଯ୍ୟସବୁର ଗୁରୁତ୍ୱ, ସଘନତା, ନିୟମିତତା ଆଦି ସମାନ ହୋଇ ନ ଥାଏ । ଏ ସମସ୍ତର ହାରାହାରି ମୂଲ୍ୟ ସମଙ୍କରେ ଏକ ଧାରଣା କରିବା ପାଇଁ ଅର୍ଥନୀତିଜ୍ଞମାନେ ଯେଉଁ ଏକ ଅର୍ଥନୈତିକ ସୂତକର ସାହାଯ୍ୟ ନେଇଥାନ୍ତି, ତାହା ହେଉଛି- 'ମୋଟ ଜାତୀୟ ଉତ୍ପାଦ' ବା ଅଧିକ ସୁପରିଚିତ: 'ଜିଡିପି' । ଅର୍ଥନୀତିଜ୍ଞମାନେ ସମସ୍ତ ପୃଥିବୀ ନାମକ ଗୋଲାକାର ଗ୍ରହରେ ଉତ୍ପାଦିତ ମୋଟ 'ଜିଡିପି'ର ହିସାବ କରି ତାହାକୁ ଏକ ଗୋଲକରେ ଅବସ୍ଥିତ ଶହଶହ ନିର୍ଦ୍ଦିଷ୍ଟ ଅଂଚଳ ଓ ସ୍ଥାନମାନଙ୍କରେ ଉତ୍ପାଦିତ 'ଜିଡିପି'ର ସମଷ୍ଟି ରୂପେ ପ୍ରଦର୍ଶିତ କରିଥାଆନ୍ତି । ପୃଥିବୀର ମୋଟ 'ଜିଡିପି'କୁ ପ୍ରତ୍ୟେକ ଅଂଚଳର ଅବଦାନ ଅନୁସାରେ ଅନୁଶୀଳନକାରୀମାନେ ସେ ଅଂଚଳକୁ ଏକ ଗାଣିତିକ ମୂଲ୍ୟ ପ୍ରଦାନ କରିଥାନ୍ତି । ଏଇ ଗାଣିତିକ ମୂଲ୍ୟମାନଙ୍କର ହାରାହାରି ମୂଲ୍ୟ ବାହାର କରିଲେ ତାହା ପୃଥିବୀର ଯେଉଁ ଅଂଚଳ ପ୍ରତି ପ୍ରସୁକ୍ଷ୍ୟ ହୋଇଥାଏ, ସେଇ ଅଂଚଳରେ 'ବିଶ୍ୱ ଅର୍ଥନୈତିକ ଭାରକେନ୍ଦ୍ର' ଅବସ୍ଥିତ ଥାଏ ବୋଲି ଜଣାପଡ଼ିଥାଏ । ସ୍ୱାଭାବିକ ଭାବରେ ପୃଥିବୀର ଯେଉଁ ଅଂଚଳରେ ଉତ୍ପାଦିତ 'ଜିଡିପି'ର ଆକାର ବୃହତ୍ ହୋଇଥାଏ, ଅର୍ଥାତ୍ ଯେଉଁ ଅଂଚଳ ଅଧିକ ଅର୍ଥନୈତିକ ସମୃଦ୍ଧି ହାସଲ କରିଥାଏ, ସେଇ ଅଂଚଳରେ ଏଇ 'ଅର୍ଥନୈତିକ ଭାରକେନ୍ଦ୍ର' ଅବସ୍ଥାନ କରିଥାଏ । ଅର୍ଥନୀତିଜ୍ଞମାନେ ପୃଥିବୀର ଅର୍ଥନୈତିକ ଇତିହାସର ସମସ୍ତ ଅନୁଶୀଳନ କରି ଆବିଷ୍କାର କରିଛନ୍ତି ଯେ ଜୌଣସି ଏକ ନିର୍ଦ୍ଦିଷ୍ଟ ଅଂଚଳ





ସମ୍ବଲପୁରରେ ସ୍ୱାସ୍ଥ୍ୟସେବାର ସାଂଘାତିକ ଚିତ୍ର ! ୭୦% ଡାକ୍ତର ପଦବୀ ଖାଲି

୨୧.୨୮ କୋଟିର ଟ୍ରମା କେୟାର ସେଣ୍ଟର ଏଯାଏଁ ଅଚଳ, ଏନେଇ ଅବଗତ ନାହାନ୍ତି ସି.ଡି.ଏମ.ଓ



ସମ୍ବଲପୁର,୯/୧୧(ନି/ପ): ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଚିତ୍ର ଅତ୍ୟନ୍ତ ଚିନ୍ତାଜନକ। ଜିଲ୍ଲାରେ ମଞ୍ଜୁରୀପ୍ରାପ୍ତ ୫୧୦ଟି ଡାକ୍ତର ପଦବୀ ମଧ୍ୟରୁ ୩୫୬ଟି ଖାଲି ପଡ଼ିଥିବା ବେଳେ ମାତ୍ର ୧୫୩ଟି ପଦବୀରେ ଡାକ୍ତର ନିଯୁକ୍ତ ଅଛନ୍ତି। ଅର୍ଥାତ୍ ପ୍ରାୟ ୭୦ ପ୍ରତିଶତ ଡାକ୍ତର ପଦବୀ ଖାଲି ରହିଛି। ଅନ୍ୟପକ୍ଷରେ, ୨୧.୨୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଟ୍ରମା କେୟାର ସେଣ୍ଟର ଏଯାଏଁ କାର୍ଯ୍ୟକ୍ଷମ ହୋଇନଥିବା ପ୍ରସଙ୍ଗ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଜିଲ୍ଲାର ସ୍ୱାସ୍ଥ୍ୟସେବାର ଏଭଳି ଦୁରବସ୍ଥା, ଡାକ୍ତର ଓ ଅନ୍ୟ ମେଡିକାଲ କର୍ମଚାରୀଙ୍କ ପଦବୀ ପୂରଣ ସମେତ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ସମ୍ବଲପୁର ପ୍ରଗତିଶୀଳ ନାଗରିକ ମଂଚର ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସି.ଡି.ଏମ.ଓ) ଡା. ନୀଳମାଧବ ଶତପଥିଙ୍କୁ ଭେଟିଥିଲେ। ସି.ଡି.ଏମ.ଓଙ୍କ କାର୍ଯ୍ୟାଳୟରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଆଲୋଚନା ସମୟରେ ଜିଲ୍ଲାରେ ଡାକ୍ତରଙ୍କ ଘୋର ଅଭାବ ସମ୍ପର୍କରେ ବିଭାଗୀୟ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସମ୍ବଲପୁର ଜିଲ୍ଲାରେ ମୋଟ ୫୧୦ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ମଧ୍ୟରୁ ୩୫୬ଟି ଖାଲି ରହିଛି। ସେହିପରି ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡି.ଏଚ.ଏଚ)ରେ ୧୨୪ଟି ପଦବୀ ମଧ୍ୟରୁ ୯୦ଟି, କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ୪୯ଟିରୁ ୩୧ଟି ଏବଂ ରେଡ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ୪୯ଟିରୁ ୩୪ଟି ଡାକ୍ତର ପଦବୀ ଖାଲି ପଡ଼ିଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଏହାସହ ୨୧.୨୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଟ୍ରମା କେୟାର ସେଣ୍ଟର କାର୍ଯ୍ୟକ୍ଷମ ନହେବା ପ୍ରସଙ୍ଗ ଉଠାଯାଇଥିଲା। ୧୧ ଜାନୁଆରୀ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାର ଉଦ୍‌ଘାଟନ କରିଥିଲେ ମଧ୍ୟ ଏଯାଏଁ ଏହା ରୋଗୀସେବାରେ ନିୟୋଜିତ ହୋଇନାହିଁ। ଏ ସମ୍ପର୍କରେ ସି.ଡି.ଏମ.ଓ କହିଥିଲେ ଯେ, ଉଦ୍‌ଘାଟନ ସମୟରେ ସେ ଦାୟିତ୍ୱରେ ନଥିଲେ ଏବଂ ଏହି କେନ୍ଦ୍ର ସମ୍ପର୍କରେ ତାଙ୍କ ପାଖରେ ବିଶେଷ ତଥ୍ୟ ନାହିଁ। ଅନ୍ୟପକ୍ଷରେ, ଜିଲ୍ଲାରେ ଖାଲି ପଡ଼ିଥିବା ଡାକ୍ତର ଓ ଅନ୍ୟ ମେଡିକାଲ କର୍ମଚାରୀଙ୍କ ପଦବୀ ପୂରଣ ପାଇଁ ସେ ନିୟମିତ ଭାବେ ସରକାରଙ୍କୁ ଅବଗତ କରୁଛନ୍ତି ବୋଲି ସି.ଡି.ଏମ.ଓ କହିଥିଲେ। ଏନେଇ ପ୍ରତିମାସରେ ଚିଠି ଓ ରିପୋର୍ଟ ପଠାଯାଉଥିବା ସେ ସୂଚନା ଦେଇଥିଲେ। ତେଣୁ ଖାଲି ପଦବୀ ପୂରଣ କରିବା ଏବେ ସରକାରଙ୍କ ନିଷ୍ପତ୍ତି ଓ ପଦକ୍ଷେପ ଉପରେ ନିର୍ଭର କରୁଛି। ସେପଟେ ଡି.ଏଚ.ଏଚର ପୁରୁଣା ଓ.ପି.ଡି କୋଠାର ନବୀକରଣ ପରେ ମଧ୍ୟ ଏହା ଅବ୍ୟବହୃତ ହୋଇ ପଡ଼ିରହିଥିବା, ରେଡ଼ାଖୋଲ ଉପଖଣ୍ଡାଞ୍ଚଳକୁ ଜାର୍ଯ୍ୟକ୍ଷମ କରିବା, ୧୦୨ ଓ ୧୦୮ ଆମ୍ବୁଲାନ୍ସ ସେବାରେ ଅବ୍ୟବସ୍ଥା ଏବଂ ଅତଳ ଆମ୍ବୁଲାନ୍ସଗୁଡ଼ିକର ମରାମତି ଭଳି ସମସ୍ୟା ଆଲୋଚନା ହୋଇଥିଲା। ଏଥିସହ ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ, ନର୍ସି ଅଫିସର, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ପୁରୁଷ ଓ ମହିଳା), ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ, ଲାବୋରେଟୋରୀ ଟେକ୍ନିସିଆନ (ଏଲ୍.ଟି) ଏବଂ ରେଡିଓଗ୍ରାଫରଙ୍କ ଖାଲି ପଦବୀ ତୁରନ୍ତ ପୂରଣ କରିବାକୁ ଦାବି ହୋଇଥିଲା। ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ରହିଥିବା ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ ମଂଚ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ବଜରେ ଗୋକୁଳ ମେହେର, ସଞ୍ଜିତ ମହାନ୍ତି, ଗବାଧର କୁଅଁର, ଶିବଶଙ୍କର ନନ୍ଦ, ପ୍ରିୟରଞ୍ଜନ ସାହୁ, ଭି. ରାମ ରାଓ, ଲଳିତ ପଟ୍ଟନାୟକ, ଅରୁଣ କୁମାର ଖୁଣ୍ଟିଆ, ମହେଶ୍ୱର ଷଣ୍ଡ, ମହଦ୍ଧବ ସନାଇଲା, ଅଶୋକ ପଟେଲ, ନଟୁ ଗୋପାଳ, ମହଦ୍ଧବ ଅଜିମ ଅନ୍ସ, ପ୍ରଶାନ୍ତ ଥାପା, ମହେଶ ସାଇତା, ବାବୁାଜି ନାୟକ, ଦେବଦତ୍ତ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଦୁଲାଲ ଚନ୍ଦ୍ର ରାୟ, ନିଖିଳ ବାବୁ, ବୃପ୍ତିମୟୀ ପଣ୍ଡା, ବିଜୁମ ରଞ୍ଜିତ, ପ୍ରିୟଭ୍ରତ ପୃଷ୍ଟି, ଭାସ୍କର ନାଏକ ଓ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୩ଟି ରାସ୍ତାର ଶିଳାନ୍ୟାସ

ଗ୍ରାମାଂଚଳର ଯୋଗାଯୋଗ ବ୍ୟବସ୍ଥା ହେବ ସୁଦୃଢ଼: ବିଧାୟକ ଟଙ୍କଧର ତ୍ରିପାଠୀ



ଝାରସୁଗୁଡ଼ା,୯/୧୧(ନି/ପ):ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ଗ୍ରାମାଂଚଳରେ ଗମନାଗମନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୩ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଶୁକ୍ରବାର ଝାରସୁଗୁଡ଼ା ସଦର ବ୍ଲକରେ ବିଧାୟକ ଟଙ୍କଧର ତ୍ରିପାଠୀ ଏହି ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଯୋଜନାରେ ଓଏଣ୍ଡିଏଲ ଉଜ୍ଜୀୟାତାରୁ ପୁଡ଼ାମାଲ ପର୍ଯ୍ୟନ୍ତ, ପୁରୁଣା ଜାଲୋପଡ଼ାଠାରୁ ପୁରୁଣା ଡାଳପଟିଆ ପର୍ଯ୍ୟନ୍ତ ଏବଂ ବୃଦ୍ଧିପଦରାରେ ଅରବିନ୍ଦ ବାରିକଙ୍କ ଘରଠାରୁ ଇଚ୍ ନଦୀ ପୋଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ଏହି ରାସ୍ତାଗୁଡ଼ିକ ନିର୍ମାଣ ହେବା ଦ୍ୱାରା ସ୍ଥାନୀୟ ଅଂଚଳର ଲୋକଙ୍କ ଯାତାୟାତ ସମସ୍ୟା ଦୂର ହେବା ସହ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିବ। ଏହି ଅବସରରେ ବିଧାୟକ ତ୍ରିପାଠୀ କହିଥିଲେ ଯେ, ଗ୍ରାମାଂଚଳରେ ଉନ୍ନତ ସଡ଼କ ଭିତ୍ତିଭୂମି ନିର୍ମାଣ ସରକାରଙ୍କ ପ୍ରାଥମିକତା। ଭଲ ରାସ୍ତା ଯୋଗୁଁ ଜେବଳ ଯାତାୟାତ ସୁଗମ ହେବ ନାହିଁ, ବଙ୍ଗ ଗ୍ରାମାଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଜାର୍ଯ୍ୟକଳାପକୁ ମଧ୍ୟ ତୃତନ ଗତି ମିଳିବ। ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଅଂଚଳରେ ମୌଳିକ ସୁବିଧାର ବିକାଶ ସହ ଉନ୍ନୟନମୂଳକ ଜାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ। ଜାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧ୍ୟକ୍ଷଣ ଯନ୍ତ୍ରୀ ଆଶିଷ ଲେଙ୍କା, ଝାରସୁଗୁଡ଼ା ମଣ୍ଡଳ ସଭାପତି ହେମଲଞ୍ଜନ ସିଂହ ସମେତ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବଜୀୟ ଜର୍ମା ଉପସ୍ଥିତ ରହିଥିଲେ।

ଓଭରବ୍ରିଜ୍‌ରେ ପୁଲିସର ଚଢ଼ଉ

୫ କେଜି ୪୮୦ ଗ୍ରାମ ଗଞ୍ଜେଇ ଓ ବାଇକ୍ ଜବତ: ୨ ଗିରଫ



ଝାରସୁଗୁଡା,୯/୧୧(ନି/ପ): ନିଶାଦ୍ରବ୍ୟ ଚାଲାଣ ପାଇଁ ଅଭିନବ ଉପାୟ ଆପଣାଇଥିଲେ ଚାଲାଣକାରୀ। ବାଇକ୍ ସିଟ୍ ତଳେ ଗଞ୍ଜେଇ ଲୁଚାର ଚାଲାଣ କରୁଥିବା ବେଳେ ବେଲପାହାଡ଼ ପୁଲିସ ହାତରେ ଧରାପଡ଼ିଛନ୍ତି ଦୁଇ ଅଭିଯୁକ୍ତ। ଜାତୀୟ ରାଜପଥ ନୟର ୪୯ର ବେଲପାହାଡ଼ ରେଳ ଓଭରବ୍ରିଜ୍ ନିକଟରେ ପୁଲିସ ଆଜି ଚଢ଼ଉ କରି ୫ କେଜି ୪୮୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଚାଲାଣରେ ବ୍ୟବହୃତ ବାଇକ୍ କୁ ଜବତ କରିଛି। ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣକାରୀମାନେ ବାଇକ୍ ସିଟ୍ ଭଇର ତଳେ ଗଞ୍ଜେଇ ଲୁଚାର ଗୁପ୍ତ ଗୋଡିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଉଥିଲେ। ଏ ସମ୍ପର୍କରେ ଖବର ପାଇ ବେଲପାହାଡ଼ ପୁଲିସ ଜାତୀୟ ରାଜପଥ ନୟର ୪୯ର ଓଭରବ୍ରିଜ୍ ନିକଟରେ ଯାଂଚ କରିଥିଲା। ଯାଂଚ ସମୟରେ ବାଇକ୍ ର ସିଟ୍ ତଳେ ଲୁଚାର କରାଯିବାର ଯୋଜନା ଥିଲା, ସେ ନେଇ ପୁଲିସ ତତ୍ତ୍ୱ ଜାରି ରଖିଛି। ଜାତୀୟ ରାଜପଥରେ ଏଭଳି ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ ଘଟଣା ସାମ୍ନାକୁ ଆସିବା ପରେ ନିଶା କାରବାର ରୋକିବା ପାଇଁ ପୁଲିସର ଯାଂଚ ଓ ନଜରଦାରୀକୁ ଆହୁରି ଗୁରୁତ୍ୱ ଦିଆଯାଇଛି।

ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ


କେନ୍ଦ୍ରାପଡ଼ା, ୯/୧୧(ନି/ପ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଆଜି ଇଚ୍ଛାପୁରସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମଠାରେ ଆଜି ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬'ପରିପ୍ରେକ୍ଷୀରେ ଆୟୋଜିତ ଏହି ମହୋତ୍ସବର ଉଦ୍‌ଯାପନୀ ସମାରୋହ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବଶକ୍ତି ରାଷ୍ଟ୍ରର ସବୁଠାରୁ ସୃଜନଶୀଳ, ଗତିଶୀଳ ଓ ପରିବର୍ତ୍ତନକାରୀ ସମ୍ପଦ ବୋଲି ମତବ୍ୟକ୍ତ କରିଥିଲେ। ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ଓ ନେତୃତ୍ୱ ହିଁ ବିକଶିତ ଭାରତ ଗଠନର ମୁଖ୍ୟ ଆଧାର ବୋଲି ସେ ଉଲ୍ଲେଖ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘଦର ସମ୍ପାଦକ ସୌଦ ଅକମଲ ଅଲ୍ଲୀ ଏବଂ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗୁଣାଙ୍କର ବାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟାପକ ପୁଷ୍ପାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମହୋତ୍ସବରେ ରାଜଜନିକା, ରାଜନଗର, ପଟ୍ଟାମୁଣ୍ଡାର, ଆଳି, ମହାଜାଳପଡ଼ା, ଗରଦପୁର, ଡେରାବିଶ, କେନ୍ଦ୍ରାପଡ଼ା ଓ ମାର୍ଶାଘାଇ ବ୍ଲକ୍ର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସମାଜ'ବିଷୟବସ୍ତୁକୁ ଆଧାର କରି ଲୋକନୃତ୍ୟ, ଲୋକସଙ୍ଗୀତ, ପଥପ୍ରାନ୍ତ ନାଟକ, ଚିତ୍ରାଙ୍କନ ଓ କବିତା ଲିଖନ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ବିଭାଗର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାରୀ ପ୍ରତିଯୋଗୀ ଏବଂ ପଥପ୍ରାନ୍ତ ନାଟକର ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି।

ଭଗୀରଥ ଅଭିଯାନରେ ୧୦୦ ଜଣଙ୍କ ଅସ୍ଥି ତ୍ରିବେଣୀ ସଙ୍ଗମରେ ବିସର୍ଜନ



ସମ୍ବଲପୁର,୯/୧୧(ନି/ପ): ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଗ୍ରାମର ଗରିବ ପରିବାରଗୁଡ଼ିକ ନିଜ ପ୍ରିୟଜନଙ୍କ ଅସ୍ଥିକୁ ଆଣ୍ଠା, ବିଶ୍ୱାସ ଓ ଆସ୍ଥାର ସହ ଏହି ଅଭିଯାନକୁ ହସ୍ତାନ୍ତର କରିଥିଲେ। ଏହି ମହତ୍ କାର୍ଯ୍ୟରେ ବିଶିଷ୍ଟ ହୋମିଓପାଥ୍ ଚିକିତ୍ସକ ଡା. ରାମଚରଣ ପ୍ରଧାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଆଗାମୀ ଦିନରେ ଏହି ମାନବୀୟ ଅଭିଯାନରେ ସାମିଲ ହେବାକୁ ସମସ୍ତଙ୍କୁ ବିନମ୍ର ନିବେଦନ କରାଯାଇଛି। ପ୍ରକାଶ ଥାଉକି, ଗତ ୨୦୨୫ ଜାନୁଆରୀ ୧୦ ତାରିଖରେ ଶ୍ରୀ ଦାଶ ଏହି ଅଭିଯାନ ଅନ୍ତର୍ଗତ ୩୫୬ ଜଣଙ୍କ ଅସ୍ଥି ତ୍ରିବେଣୀ ସଙ୍ଗମରେ ବିସର୍ଜନ କରିବାର ସୌଭାଗ୍ୟ ଲାଭ କରିଥିଲେ। ଏହି ସାମୂହିକ ଅସ୍ଥି ବିସର୍ଜନ ଅଭିଯାନରେ ବର୍ତ୍ତମାନ ସୁଦ୍ଧା ମୋଟ ୧୨୯୮ ଜଣଙ୍କ ଅସ୍ଥି ପବିତ୍ର ତ୍ରିବେଣୀ ସଙ୍ଗମରେ ବିସର୍ଜନ କରାଯାଇସାରିଥିବା ଶ୍ରୀ ଦାଶ ସୂଚନା ଦେଇଛନ୍ତି।

ନବରଙ୍ଗପୁରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଓ ଛାୟା ସଂସଦ ପ୍ରତିଯୋଗିତା




ନବରଙ୍ଗପୁର,୯/୧୧(ନି/ପ): ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ତଥା ଜଜ୍ଞା, ସଂସ୍କୃତି ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନବରଙ୍ଗପୁର ସହରସ୍ଥିତ ସାର ଜଲ୍ୟାଣ ମଞ୍ଚପଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଓ ଛାୟା ସଂସଦ ପ୍ରତିଯୋଗିତା ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ ୨ଘାଟନୀ ସମାରୋହରେ ମାନ୍ୟବର ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧକ୍ଷ ଶ୍ରୀ ଘୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ ଯେ, 'ସୁରଭି' ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭା ଓ ସୃଜନଶୀଳତାକୁ ଲୋକଲୋଚନକୁ ଆଣିବାର ଏକ ଉତ୍କୃଷ୍ଟ ମାଧ୍ୟମ। ଏହା ସହିତ ନବରଙ୍ଗପୁର ଜିଲ୍ଲାର ସମୃଦ୍ଧ ଲୋକଜଜ୍ଞା, ଲୋକସଂସ୍କୃତି ଓ ପରମ୍ପରାକୁ ରାଜ୍ୟସ୍ତରରେ ପରିଚିତ କରାଇବାରେ ଏହି ମହୋତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ଆରକ୍ଷା ଅଧୀକ୍ଷକ ଶ୍ରୀ ଜଶ୍ୱପ୍ତ ପାର୍ଥ ଜଗଦୀଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରକାଶ ଚନ୍ଦ୍ର ମହାଲିକ, ଶ୍ରୀମତୀ ସୁପ୍ରିୟା ନାୟକ ଓ ଶ୍ରୀ ଶ୍ରୀକାନ୍ତ ଜାନି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ୍ରୁ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୩୨ଟି ବିଭାଗରେ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଶେଷକରି ସାଂସ୍କୃତିକ ପ୍ରତିଯୋଗିତାରେ ଚେକୁଲିଖୁଣ୍ଟି ବ୍ଲକ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏଥିସହିତ ଆୟୋଜିତ ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତାରେ ୨୩ଟି ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟର ୪୬ ଜଣ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସଂସଦୀୟ କାର୍ଯ୍ୟପ୍ରଣାଳୀ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନେତୃତ୍ୱ ଦକ୍ଷତା ସମ୍ପର୍କରେ ଅଭିଜ୍ଞତା ହାସଲ କରିଥିଲେ। କାର୍ଯ୍ୟକ୍ରମ ପରିସରରେ ୨ଗାଡି ଆକର୍ଷଣୀୟ ଷ୍ଟଲ୍ ଖୋଲାଯାଇଥିଲା। ଏହି ଷ୍ଟଲ୍ଗୁଡ଼ିକ ମାଧ୍ୟମରେ ବିଭିନ୍ନ ରାଜ୍ୟର ଜଜ୍ଞା, ସଂସ୍କୃତି, ପାରମ୍ପରିକ ବେଶଭୂଷା, ଖାଦ୍ୟପେୟ ଓ ଐତିହ୍ୟକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶର ବିବିଧତା ଓ ସାଂସ୍କୃତିକ ଐକ୍ୟ ସମ୍ପର୍କରେ ଜ୍ଞାନ ଓ ସଚେତନତା ବୃଦ୍ଧି କରିଥିଲା। ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହ୍ଲାଦ ଖୋସଲା ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଭରତ ଚନ୍ଦ୍ର ସାହୁ ଯୋଗଦେଇ ବିଜେତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ।

ପାର୍ବଣ ଋତୁରେ ଖାଦ୍ୟ ସୁରକ୍ଷା ଓ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ନିଷେଧ ଉପରେ ଜିଲ୍ଲା ପ୍ରଶାସନର ଗୁରୁତ୍ୱ

ନବରଙ୍ଗପୁର ପୌରପାଳିକାରେ ମିଳିତ ଏନଫୋର୍ସମେଣ୍ଟ ଅଭିଯାନ







ନବରଙ୍ଗପୁର,୯/୧୧(ନି/ପ): ପାର୍ବଣ ଋତୁରେ ଜନସାଧାରଣଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ସହ ନିଷିଦ୍ଧ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ର ବ୍ୟବହାର ରୋକିବା ପାଇଁ ଜିଲ୍ଲା



ବିଭିନ୍ନ କାଳୀ ମନ୍ଦିର ସମେତ ସହରର ବିଭିନ୍ନ ମଣ୍ଡପରେ ମା' କାଳୀଙ୍କ ପୂଜା



ରାଉରକେଲା,୯/୧୧(ନି/ପ୍ର): ରାଉରକେଲା ସହର ସମେତ ଉଦ୍ଧାତ ସହରାଞ୍ଚଳର ବିଭିନ୍ନ କାଳୀ ମନ୍ଦିର ସମେତ ବିଭିନ୍ନ କାଳୀ ପୂଜା କମିଟି ପକ୍ଷରୁ ମା କାଳୀଙ୍କ ମୃଣ୍ମୟ ପ୍ରତିମା ପୂଜା ବିଜୟିତ ରାତିରୁ ଆରମ୍ଭ ହୋଇଯାଇଛି । ପଣ୍ଡିତମାନେ ମନ୍ତ୍ର ଉଚ୍ଚାରଣ କରି ମା କାଳୀଙ୍କୁ ରୀତିନୀତି ଅନୁଯାୟୀ ପୂଜା କରିଥିଲେ । ବିଶେଷକରି ରେଲୱେ କଲୋନୀ ସ୍ଥିତ କାଳୀ ମନ୍ଦିରର ପୁରୋହିତ ମା କାଳୀଙ୍କୁ ରୀତିନୀତି ଅନୁଯାୟୀ ପୂଜା କରିଥିଲେ । କାଳୀ ପୂଜାକୁ ନେଇ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପାନପୋଷ କାଳୀ ମନ୍ଦିର ସହିତ ଉଦ୍ଧାତ ସହରର କାଳୀ ମନ୍ଦିରରେ ମଧ୍ୟ ମାଙ୍କ ପୂଜା କରାଯାଇଥିଲା । ରାଉରକେଲା ସହରର ଢେଙ୍କି ମାର୍କେଟ କାଳୀ ପୂଜା କମିଟି ପକ୍ଷରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜା କରାଯାଇଛି । ପୂଜା କମିଟିର ପଦାଧିକାରୀଙ୍କ ସମେତ ବରିଷ୍ଠ ସଦସ୍ୟମାନେ ପୂଜାରେ ଅଂଶଗ୍ରହଣ କରିଥିଲେ । ସେହିପରି ବିରଜାପାଲି କାଳୀ ପୂଜା କମିଟି ପକ୍ଷରୁ ମାଙ୍କ ପୂଜା କରାଯାଇଥିଲା । ଏକ ବିଶାଳ ତୋରଣ ସହିତ ବିଦ୍ୟୁତ ଆଲୋକରେ ସାଜସଜ୍ଜା କରାଯାଇଛି । ସେହିପରି ଉଦ୍ଧିତନଗର ସୁପରମାର୍କେଟ୍ କାଳୀ ପୂଜା କମିଟି ପକ୍ଷରୁ ମାଙ୍କ ପୂଜା କରାଯାଇଥିଲା । ବିଭିନ୍ନ କାଳୀ ପୂଜା କମିଟି ପକ୍ଷରୁ ମାଙ୍କ ପୂଜା ପରେ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ମଧ୍ୟ ବଣ୍ଟନ କରାଯାଇଥିଲା ।

ଗୌଡଗୁଡ଼ା ମଣ୍ଡଳ ପକ୍ଷରୁ ବାଟପାଲ୍ଲାଠାରେ ବିଜେପିର ମାସିକ ବୈଠକରେ ମିଶ୍ରଣ ପର୍ବ

ମାଲଜାନଗିରି,୯/୧୧(ନି/ପ୍ର): ମାଲଜାନଗିରି ବ୍ଲକ ଗୌଡଗୁଡ଼ା ମଣ୍ଡଳ ପକ୍ଷରୁ ବାଟପାଲ୍ଲା ଠାରେ ବିଜେପିର ମାସିକ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ମାଲଜାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବୈଠକରେ ବକାୟ ସଂଗଠନକୁ ଦୃଢ଼ୀଭୂତ ସ୍ତରରେ ମଜବୁତ କରିବା ସହ ଆଗାମୀ ପଚାଂୟତ ନିର୍ବାଚନରେ ବଳକୁ ମଜବୁତ କରିବା ପାଇଁ ଯୋଜନା ପ୍ରସ୍ତୁତ ଉପରେ ଆଲୋଚପାଚ କରାଯାଇଥିଲା । ଏଥି ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବା ଏବଂ ଆଗାମୀ ନିର୍ବାଚନରେ ଜିତିଲି ଭୋଟରଙ୍କ ଆସ୍ଥାଭାଜନ ହୋଇ ସରକାରଙ୍କ କାର୍ଯ୍ୟଗୁଡିକୁ ସମ୍ପାଦନ କରିବାକୁ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଧାୟକ ଶ୍ରୀ ମାଡକାମୀ କର୍ମୀମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଲୋକଙ୍କ ବିକାଶ ପାଇଁ କାର୍ଯ୍ୟ କରୁଛି । ସମସ୍ତ କର୍ମୀ ଏକଜୁଟ ହୋଇ ବଳକୁ ଆହୁରି ମଜବୁତ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ଗୌଡଗୁଡ଼ା ମଣ୍ଡଳ ସଭାପତି ଜୟଦେବ ମଣ୍ଡଳ, ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ଜିଲ୍ଲା ସମ୍ପାଦକ ନିହାର ରାୟ, ସାଂସଦ ପ୍ରତିନିଧି ଉଜ୍ଜା ପଢ଼ି ଆମି, ବ୍ଲକ୍ ଭାରସ ଚେୟାରମ୍ୟାନ ନିରଞ୍ଜନ ହଜବାର ସମେତ ପଦାଧିକାରୀ ଏବଂ ବହୁ ପୂର୍ବ ସ୍ଥାୟୀ କର୍ମୀ ଉପସ୍ଥିତ ଥିଲେ । ଆଜି ବିଜେଡି ଓ କଂଗ୍ରେସରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପା ବଳରେ ଯୋଗିଲ ହୋଇଥିବା ବେଳେ ବିଧାୟକ ଶ୍ରୀ ମାଡକାମୀ ବଳାୟ ଟୋପି ଓ ଉତରୀୟ ବେଲ ସ୍ୱାଗତ କରିଥିଲେ ।

ନଭେମ୍ବର ୧୨ ଓ ୧୩ ତାରିଖରେ ବିପିୟୁଟି ହ୍ୟାକାଥନ-୨୦୨୬ର ଗ୍ରାଣ୍ଡ ଫିନାଲେ



ରାଉରକେଲା,୯/୧୧(ନି/ପ୍ର): ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ବୈଷୟିକ ତଥା ଉଦ୍ଭାବନ କାର୍ଯ୍ୟକ୍ରମ 'ବିପିୟୁଟି ହ୍ୟାକାଥନ୍ ? ୨୦୨୬' (ତୃତୀୟ ସଂସ୍କରଣ)ର ଗ୍ରାଣ୍ଡ ଫିନାଲେ ଚଳିତ ନଭେମ୍ବର ୧୨ ଓ ୧୩ ତାରିଖରେ ବିଶ୍ୱବିଦ୍ୟାଳୟର ଛେଣ୍ଡ ସ୍ଥିତ ମୁଖ୍ୟ କ୍ୟାମ୍ପସରେ ଅନୁଷ୍ଠିତ ହେବାକୁ ଯାଉଛି।ଏହି ହ୍ୟାକାଥନକୁ ଗତ ୨୦୨୬ ଅଗଷ୍ଟ ୩୧ରେ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ଆନୁଷ୍ଠାନିକ ଭାବେ ଉଦ୍?ଘାଟନ କରିଥିଲେ। ଅଂଶଗ୍ରହଣ ଦୃଷ୍ଟିରୁ ସର୍ବବୃହତ ଅନ୍ତଃ-ବିଶ୍ୱବିଦ୍ୟାଳୟ ହ୍ୟାକାଥନ୍ ନିରବଚ୍ଛିନ୍ନ ଭାବେ ଏହି ସଂସ୍କରଣରେ ଛାତ୍ରଛାତ୍ରୀଙ୍କ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି। ୭୧ଟି ଅନୁବନ୍ଧିତ ତଥା ସଂଲଗ୍ନ ଜଲେଜରୁ ୩,୮୫୨ ଜଣ ଛାତ୍ର ଉଦ୍ଭାବକଙ୍କୁ ନେଇ ମୋଟ ୭୧୮ଟି ଦଳ ଏଥିରେ ପଞ୍ଜୀକରଣ କରିଥିଲେ, ଯାହାକି ପୂର୍ବ ସଂସ୍କରଣ ତୁଳନାରେ ୪୦ ପ୍ରତିଶତରୁ ଅଧିକ। ହାକାଥର ଏହି ତୃତୀୟ ସଂସ୍କରଣରେ ବିଭିନ୍ନ କ୍ଷେତ୍ରର ଜଟିଳ ସମସ୍ୟାର ବ୍ୟବହାରିକ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ୬ଟି ପ୍ରମୁଖ କର୍ପୋରେଟ୍ ତଥା ସାଂସ୍ଥାଗତ ଭାଗୀଦାର—ଆର୍ସେଲର, କର୍ଣ୍ଣି ଲାଟ, ଓକେସିଏଲ୍, ଏସଟିପିଆଇ, ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚର୍ସ ଲିମିଟେଡ୍, ଜୁମାନ୍ ଟେକ୍ନୋଲୋଜିସ୍ ଏବଂ ଫ୍ରେଟ୍‌ବକ୍ସ ପକ୍ଷରୁ ୧୦ଟି ଶିଳ୍ପ-ପ୍ରାସଙ୍ଗିକ ବାସ୍ତବିକ ସମସ୍ୟା ବିବୃତି ପ୍ରଦାନ କରାଯାଇଛି। ବହୁଚର୍ଚ୍ଚିତ ଯାଟ ସହ ୨୦୨୬ ଅକ୍ଟୋବର ୧୦ରୁ ୧୩ ତାରିଖ ମଧ୍ୟରେ ୧୧ଟି ଆଞ୍ଚଳିକ ସହଯୋଗୀ ଶିକ୍ଷାନୁଷ୍ଠାନ—ବେଦାନ୍ତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଜିଆଇଇଟି ଭୁବନେଶ୍ୱର, ସିଟ୍, ନାସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜନେସ ଆଡମିନିଷ୍ଟ୍ରେସନ, ଗୀତା ସ୍ୱୟଂଶାସିତ ଜଲେଜ, ରିଜିଓନାଲ ଜଲେଜ ଅଫ୍ ମ୍ୟାନେଜମେଣ୍ଟ, ଜିଆଇଇଟି ବଣିଆଟାଙ୍ଗୀ, ରାଜଧାନୀ ଇଞ୍ଜିନିୟରିଂ ଜଲେଜ, ଗାନ୍ଧୀ ଇଞ୍ଜିନିୟରିଂ ଜଲେଜ, ସ୍ୱାଗତ ଏବଂ ସ୍ୱାଗତୋତର ଅଧ୍ୟୟନ କେନ୍ଦ୍ର (ବିପିୟୁଟି) ଏବଂ ରାଉରକେଲାର ଗିସ୍ତି ଠାରେ ଅନୁଷ୍ଠିତ ଆଞ୍ଚଳିକ ମୂଲ୍ୟାଙ୍କନ ପରେ ୨୨ଟି ଜଲେଜର ୨୬୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଶ୍ରେଷ୍ଠ ୫୦ଟି ଦଳ ଏହି ୩୬ ଘଣ୍ଟିଆ ପ୍ରତ୍ୟକ୍ଷ ଗ୍ରାଣ୍ଡ ଫିନାଲେ ପାଇଁ ମନୋନୀତ ହୋଇଛନ୍ତି। ବୈଷୟିକ ସହଯୋଗୀ 'ବେଦାନ୍ତ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' ଏବଂ 'ଥ୍ରୁବକ୍ ସଫ୍ଟୱେର୍ ପ୍ରାଇଭେଟ୍ ଲିମିଟେଡ୍' ସମଗ୍ର ମୂଲ୍ୟାଙ୍କନ ପ୍ରକ୍ରିୟାରେ ଆବଶ୍ୟକୀୟ ବୈଷୟିକ ସହାୟତା, ପ୍ଲାଟଫର୍ମ ଭିତିକ୍ରିତି ତଥା ମାର୍ଗଦର୍ଶନ ଯୋଗାଇ ଦେଇଛନ୍ତି। ଗ୍ରାଣ୍ଡ ଫିନାଲେରେ ପ୍ରତିଦ୍ୱନ୍ଦ୍ୱିତା ଜଲୁଥିବା ୫୦ଟି ପାଇନାଲିଷ୍ଟ ଦଳ ମଧ୍ୟରୁ ୩୦ଟି ବିଜୟୀ ଦଳକୁ ଟେକ୍ନୋଲୋଜି କିଟ୍, ଉପହାର, ଟ୍ରଫି ଓ ପ୍ରମାଣପତ୍ର ସହିତ ସର୍ବମୋଟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏହା ସହିତ ପୂର୍ବ ସଂସ୍କରଣ ଭଳି କୃତୀ ପ୍ରତିଯୋଗୀମାନଙ୍କୁ ସହଯୋଗୀ ଶିକ୍ଷଣସ୍ଥାଗୁଡ଼ିକ ପକ୍ଷରୁ ସବେତନ ଇଣ୍ଟର୍ଣ୍ଣସିପ୍, ନିଯୁକ୍ତି ସୁଯୋଗ ଏବଂ ଷ୍ଟାର୍ଟଅପ୍ ଇନକ୍ୟୁବେସନ୍ ସହାୟତା ମଧ୍ୟ ମିଳିବ। ଏହି ପ୍ରତିଯୋଗିତାର ଆନୁଷ୍ଠାନିକ ଉଦ୍‌ଘାଟନୀ ଉତ୍ସବ ନଭେମ୍ବର ୧୨ ତାରିଖ ପୂର୍ବାହ୍ନ ୧୦:୩୦ରେ ବିପିୟୁଟି କ୍ୟାମ୍ପସସ୍ଥିତ ନେତାଜୀ ସୁଭାଷ ପ୍ରେକ୍ଷାଗୃହରେ ଅନୁଷ୍ଠିତ ହେବ। ଏଥିରେ ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ସମ୍ମାନିତ ଅତିଥି ଭାବେ ଓୟୁଟିଆର୍ ଭୁବନେଶ୍ୱରର କୁଳପତି ପ୍ରଫେସର ବିକ୍ରମ ଭୂଷଣ ବିଶ୍ୱାଡ଼, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ ବିକାସପୁରର କୁଳପତି ପ୍ରଫେସର ଆଲୋକ କୁମାର ଚକ୍ରବର୍ତ୍ତୀ, ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁଭାଷ କୁମାର ପ୍ରଧାନ, ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଏବଂ ପାରାଦ୍ୱୀପ ସହରାଞ୍ଚଳ ସୀମାଶୁଳ୍କ ଆୟୁକ୍ତ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ସେହିପରି ନଭେମ୍ବର ୧୩ ତାରିଖ ସନ୍ଧ୍ୟା ୬ଟା ୩୦ରେ ସମାନ ପ୍ରେକ୍ଷାଗୃହରେ ଉତ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଏବଂ ସୁନ୍ଦରଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସମ୍ମାନିତ ଅତିଥି ଭାବେ ଯୋଗଦେବ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି।

ଦାୟିତ୍ୱହୀନ ଭାବରେ କାଚ ବୋତଲରେ ବାଣ ଫୁଟାଇବା ଯୋଗୁଁ ବୋତଲ ଖଣ୍ଡ ନାବାଳକର ଜୀବନ ନେଲା



ରାଉରକେଲା,୯/୧୧(ନି/ପ୍ର): ରାଉରକେଲାରେ ଦୀପାବଳି ପାଳନ ସମୟରେ ଏକ ଦୁଃଖଦ ଘଟଣା ଘଟି ଜଣେ ନିର୍ଦ୍ଦୋଷ ନାବାଳକର ଜୀବନ ଯାଇଛି । ଦାୟିତ୍ୱହୀନ ଭାବରେ ବାଣ ଫୁଟାଇବା ସହିତ ସାର୍ବଜନୀନ ସୁରକ୍ଷା ପ୍ରତି ଅବହେଳା ଯୋଗୁଁ ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିଛି ଜଣେ ଜଣେ ୧୪ ବର୍ଷୀୟ ବାଳକକୁ । ଘଟଣାଟି ଶନିବାର ଦୀପାବଳିର ରାତି ପ୍ରାୟ ୯ଟା ସମୟରେ ରଘୁନାଥପାଲି ଥାନା ଅଧୀନରେ ଥିବା କୌଶଲ୍ୟା ହିହାରରେ ଘଟିଛି । ଚିନ୍ମୟ ସାହୁ ନାମକ ଜଣେ ନାବାଳକ ବାଳକ ତାଙ୍କ ୧୨ ବର୍ଷୀୟା ଭଉଣୀ ସହିତ ଘରଅଗଣାରେ ଏକ ବାଣ ବିସ୍ଫୋରଣର ଶିକାର ହୋଇଥିବା ଖବର ସାମ୍ନାକୁ ଆସିଛି । ସୂଚନା ଅନୁସାରେ ଛିଣ୍ଡି ଯାଇଥିବା ବାଣର ଅବଶିଷ୍ଟାଂଶ ଜଣେ ଯୁବକ ଜାତ ବୋତଲ ଭିତରେ ଶକ୍ତିଶାଳୀ ବାଣ ଫୁଟାଇବା ଅଭିଯୋଗ ହୋଇଛି । ବିସ୍ଫୋରଣ ସମୟରେ କାଚ ଖଣ୍ଡ ବିଭିନ୍ନ ଦିଗରେ ଉଡ଼ିଥିବା ଜଣାପଡ଼ିଛି । ବାଣ ଫୁଟୁଥିବା ସମୟରେ ଚିନ୍ମୟ ଏବଂ ତାଙ୍କ ଭଉଣୀ ସେହି ରାସ୍ତା ଦେଇ ଟିଉସନ ପଢିବାକୁ ଯାଉଥିଲେ । କାଚ ବୋତଲ ଏକ ଧାରୁଆ ଖଣ୍ଡ ଚିନ୍ମୟଙ୍କ ଜଙ୍ଘରେ ପଶିଯାଇଥିଲା । ବାଳକଟି ଗୁରୁତର ଆହତ ହେବା ସହିତ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା । ତାଙ୍କ ପରିବାର ସଦସ୍ୟମାନେ ତୁରନ୍ତ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ)କୁ ନେଇ ଯାଇଥିଲେ । କିନ୍ତୁ ଡାକ୍ତରମାନେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ପରେ ରଘୁନାଥପାଲି ଥାନା ପକ୍ଷରୁ ଏକ ଅପ୍ରାକୃତିକ ମୃତ୍ୟୁ ମାମଲା ରୁଜୁ କରାଯାଇଛି । ଏହି ଦୁଃଖଦ ଘଟଣା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ଏହି ଘଟଣା ବ୍ୟାପକ ନିନ୍ଦାର କାରଣ ହୋଇଛି । ଜିଲ୍ଲି ବ୍ୟକ୍ତିଙ୍କ ବେପରୁଆ ଭାବରେ ପର୍ବ ପାଳନ କରିବା ସହିତ ନିରୀହ ପଥଚାରୀଙ୍କ ଜୀବନକୁ ବିପଦରେ ପକାଇଥାନ୍ତି । ଏହି ଘଟଣାକୁ ନେଇ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି । ଏହି ଦୁଃଖଦ ଘଟଣାକୁ ନେଇ ପୁଣିଥରେ ଉତ୍ସବ ପାଳନ ସମୟରେ ସାଧାରଣ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି ! ଏହାକୁ ନେଇ ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଲୋକମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବରେ ପର୍ବ ପାଳନ କରିବାକୁ ନିବେଦନ କରିଛନ୍ତି । ସମସ୍ତଙ୍କୁ ସତର୍କ ରହି ବାଣ ଫୁଟାଇବା ସହିତ ସୁରକ୍ଷା ଓ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରିଛନ୍ତି ବିଧାୟକ ଦୁର୍ଗା ଚରଣ ତନ୍ତୀ । ଦୀପାବଳି ଉତ୍ସବ ପାଳନର ଏକ ରାତି ଉତ୍ସିଷ୍ଟ ଥିଲା ତାହା ଶୋକସନ୍ତପ୍ତ ପରିବାର ପାଇଁ ଏକ ହୃଦୟବିଦାରକ ଦୁଃଖଦ ଘଟଣା ପାଇଟିଛି । ଏକ ଉତ୍ସବର ଦାୟିତ୍ୱହୀନତା ଯୋଗୁଁ, ଦୀପାବଳି ଉତ୍ସବରେ ନିରୀହ ଜୀବନ ଯାଇଛି ।

ରାଉରକେଲା ମୁଖ୍ୟ ରାସ୍ତା ମଙ୍ଗଳ ଭବନସ୍ଥିତ ଲୁଗା ଦୋକାନରେ ଉଦ୍ଧାରହ ଅଗ୍ନିକାଣ୍ଡ



ରାଉରକେଲା,୯/୧୧(ନି/ପ୍ର): ନଭେମ୍ବର ୮ ରବିବାର ରାତି ପ୍ରାୟ ୧୦ଟା ସମୟରେ ରାଉରକେଲାର ମୁଖ୍ୟ ରାସ୍ତା ମଙ୍ଗଳ ଭବନସ୍ଥିତ ଏକ ଲୁଗା ଦୋକାନରେ ଉଦ୍ଧାରହ ଅଗ୍ନିକାଣ୍ଡ ଘଟି ବ୍ୟସ୍ତବହୁଳ ବଜାର ଅଞ୍ଚଳରେ ଆତଙ୍କ ଓ ବିଶୃଙ୍ଖଳା ସୃଷ୍ଟି ହୋଇଛି । ଭୀମ ନାମକ ଜଣେ ବ୍ୟବସାୟୀଙ୍କର ଏହି ଦୋକାନଟି ଏହି ଭୟଙ୍କର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ଜଳି ପୋଡ଼ି ଛାରଖାର ହୋଇଯାଇଛି, ଯାହା ଫଳରେ ବ୍ୟାପକ ପରିମାଣର ଲୁଗାପଟା ଓ ସମ୍ପତ୍ତି ନଷ୍ଟ ହୋଇଛି । ଦୋକାନ ଭିତରେ ନିଆଁ ହୁ ହୁ ହୋଇ ବ୍ୟାପିଯିବାରୁ ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଏବଂ ଲୋକମାନେ ଜୀବନ ବଚାଇବା ପାଇଁ ନିରାପଦ ସ୍ଥାନକୁ ଦୌଡ଼ିଥିଲେ । ଏହି ଘଟଣା ଯୋଗୁଁ ସମଗ୍ର ବଜାରରେ ଏକ ଅରାଜକ ପରିସ୍ଥିତି ସୃଷ୍ଟି ହୋଇଥିଲା ।

ରାଉରକେଲା କୁଆଁରମୁଣ୍ଡା ଏନ୍.ଏଚ୍-୧୪୩ ବାଇପାସରେ ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ
ମୃତକ ବାଇକ୍ ଆରୋହୀଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ



ରାଉରକେଲା,୯/୧୧(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ବାଇପାସ ନିକଟରେ ଆଜି ସକାଳେ ଜାତୀୟ ରାଜପଥ - ୧୪୩ରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି । ମୃତ ଯୁବକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ସୂଚନା ଅନୁସାରେ ବାଇକ ଚାଳକ ବାଇପାସ ରାସ୍ତାରେ ଯାଉଥିବା ସମୟରେ ଏକ ଟ୍ରକ ତାଙ୍କ ମୋଟରସାଇକେଲକୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀଙ୍କୁ ରାସ୍ତାରେ ଫିଙ୍ଗି ଦେଇଥିଲା । ବାଇକ୍ ଆରୋହୀ ଗୁରୁତର ଆହତ ହେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ପରେ, କିଛି ସମୟ ପାଇଁ ସେହି ସ୍ଥାନରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସୂଚନା ପାଇ କୁଆରମୁଣ୍ଡା ଆଉଟ୍ ପୋଷ୍ଟ (ପୋଲିସ୍ ଫାଣ୍ଡି)ର କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ, ପରେ ଟ୍ରାଫିକ୍ ଚଳାଚଳକୁ ପୁନଃସ୍ଥାପିତ କରିଥିଲେ । ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିଛି ଏବଂ ତଦନ୍ତ ଆରମ୍ଭ କରିଛି । ମୃତକଙ୍କ ପରିଚୟ ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି ।

ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ୩୯ତମ ବାର୍ଷିକ ଉତ୍ସବ



ରାଉରକେଲା,୯/୧୧(ନି/ପ୍ର): ସୃଜନୀ ସାହିତ୍ୟ ସଂସଦର ୩୯ତମ ବାର୍ଷିକ ଉତ୍ସବ ସାନନଗରୀ ସ୍ଥିତ ମା' ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସଚିନ୍ଦ୍ର ସାଏଁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରବି ବେହୁରୀ, ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ଡଙ୍କର ସୁରେନ୍ଦ୍ର ବେହେରା, ସମ୍ମାନୀୟ ଅତିଥି ଭାବେ ବିଜୟ କୁମାର ସେନାପତି, ତ୍ରିଲୋଚ୍ୟ ନାଥ ମହାପାତ୍ର, ବିପିନ ବିହାରୀ ରାଉତରାୟ ଏବଂ ସମ୍ମାନୀୟ ବକ୍ତା ଭାବେ ମନୋଜ କୁମାର ନନ୍ଦ, ଯୋଗଦେବ ଓଡିଆ ସାହିତ୍ୟର ଆଧୁନିକ ଚେତନା ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବେହେର ଅନ୍ୟ ଏକ ଅଂଶ ସାହିତ୍ୟ, ସାହିତ୍ୟ ହିଁ ମାନବ ଜାତିର ଧର୍ମ, କର୍ମ, ସଂସ୍କାର ଓ ସଂସ୍କୃତିର ବାର୍ତ୍ତାବହ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସତ୍ୟ ଆର୍ଟ ଥିଏଟର ଏକାଡେମୀର କଳାକାରମାନେ ଉଦ୍ବୋଧନ ସଙ୍ଗୀତ ପରିବେଷଣ କରିଥିଲେ । ଅତିଥିମାନଙ୍କ ଦ୍ୱାରା ମୁଖପତ୍ର 'ସୃଜନୀ'ର ଉନ୍ମୋଚନ କରାଯାଇଥିଲା । ପରେ ୪ ଜଣ ଆଜୀବନ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଶିକ୍ଷୟିତ୍ରୀ ମୀରା ମଲ୍ଲିକଙ୍କୁ ପ୍ରତିଭା ସମ୍ମାନ, ଡ଼ିଲୋଚ୍ୟ ମହାପାତ୍ରଙ୍କୁ ସୃଜନୀ ସମ୍ମାନ, ଜାର୍ଜିଜତ୍ତ ବହିଦାରଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା । ଶିକ୍ଷୟତ୍ରୀ ଲକ୍ଷ୍ମୀ ପଣ୍ଡା, ଅଶୋକ ବିଶ୍ୱାଳ ମାନପତ୍ର ପାଠ କରିଥିଲେ । ପରିଶେଷରେ ଆବିତ୍ୟ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ